ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ମେ ୧୫-୨୮, ୨୦୧୯




**ଦେଶେଦେଶେ :**
ଜୋହାନ୍ସ ଭି.ଜେନ୍‌ସେନ୍

**ଗଳ୍ପ :**
ପ୍ରଶାନ୍ତ କୁମାର ମହାନ୍ତି


**ପ୍ରଥମ ବହି :**
ଗୋଲାପ ମଞ୍ଜରୀ କର

**ସ୍ମରଣୀୟ :**
ଭୂପେନ୍ ମହାପାତ୍ର

**ପହିଲି ପୁଲକ :**
ନରେନ୍ଦ୍ର ସେଠୀ

# କେବେ କେବେ ଈଶ୍ୱର

ଯାହା ପ୍ରଥମ, ତାହା ସବୁବେଳେ ମଧୁର। ସେ ପ୍ରେମ ହେଉ କି ସୃଷ୍ଟି ହେଉ। 'ପ୍ରଥମ'ର ସ୍ମୃତି ହୃଦୟକୁ ଏକ ଅନନୁଭୂତ ଅପୂର୍ବ ପୁଲକରେ ଉଲୁସାଇଦିଏ। ସେ ସ୍ମୃତି ଦୁଃଖଦ ହୋଇଥିଲେ ବି ପରବର୍ତ୍ତୀ କାଳରେ ତାହା ମାଧୁର୍ଯ୍ୟମଣ୍ଡିତ ହୋଇଥାଏ। ସବୁ ସୃଜନଶୀଳ ବ୍ୟକ୍ତି ପାଇଁ ପ୍ରଥମ ବହିର ଉନ୍ମୋଚନ ଏକ ମୋହମୟ ଅନୁଭବ।




ମୋର ପ୍ରଥମ ଗଳ୍ପ ସଂକଳନ 'କେବେ କେବେ ଈଶ୍ୱର'ର ଶୁଭ ଉନ୍ମୋଚନ ୧୯୯୮ ମସିହାର ଏକ ଗୋଧୂଳି ବେଳାରେ। ବୀଜପତ୍ରଟିଏ ଆଖି ମେଲି ଚାହିଁଲା। ଆଗରେ ତା'ର ସୂର୍ଯ୍ୟସ୍ନାତ ପୃଥିବୀ। ଚାରିପଟରେ ପକ୍ଷୀଙ୍କର କାକଳି। ମହାମହା ଦ୍ରୁମ ଶାଖାପ୍ରଶାଖା ମେଲାଇ ଠିଆ ହୋଇଛନ୍ତି ଚଉଦିଗରେ, ଉପରେ ଝକଝକ ସୂର୍ଯ୍ୟଦୀପ୍ତ ଆକାଶ। ସେ କ'ଣ ପାରିବ ନିଜକୁ ଠିଆ କରି? ପାଦରେ ଦଳି ହୋଇ ଯିବନି ତ?

ଖରାଦିନର ନଈ ପରି ମୋର ଗାଳ୍ପିକା ଜୀବନ। ବେଶୀବେଶୀ ଉହଡହ ବାଲି, ଅଳ୍ପଅଳ୍ପ ଥଣ୍ଡାଥଣ୍ଡା ପାଣି। କୋଉ ବିସ୍ମୃତ ଅତୀତରେ ସ୍କୁଲରେ ପଢ଼ିବାବେଳେ ଚାଚା ନେହେରୁଙ୍କ ମୃତ୍ୟୁରେ ଲୁହ ସବୁ କବିତା ହୋଇ ଝରି ପଡ଼ିଥିଲା। ତା'ପରେ ଗପ, ଉପନ୍ୟାସ ଭିତରେ ବୁଡ଼ି ଯାଉଯାଉ ନବମ ଶ୍ରେଣୀରେ ଅପଟୁ ହାତରେ ଉପନ୍ୟାସଟିଏ ଲେଖି ପକାଇଥିଲି। ତାହା ଥିଲା ଏକ କିଶୋରୀର ପାପୁଲିଏ ଛଳଛଳ ଆବେଗ ମାତ୍ର। ୧୯୬୬ ମସିହାରେ ଗାଁ ସ୍କୁଲରୁ କଟକର ଶୈଳବାଳା ମହିଳା କଲେଜ। ପରିବେଶର ଚମକ, ପରିସ୍ଥିତିର ନୂତନତ୍ୱ ମୋ' ସୃଜନଶୀଳତାକୁ ଏକ ଅଭୂତପୂର୍ବ ଖୋରାକ ଯୋଗାଇ ଦେଇଥିଲା। ମୋ' ମଲାଟବନ୍ଧା ଖାତା ଭରି ଯାଇଥିଲା ନିତ୍ୟ ନୂତନ ରଙ୍ଗରେ, ଚିନ୍ତା ଚେତନାର ଚମକରେ। କଲେଜ ଆମ୍ବଗଛର ପିଣ୍ଡି ଉପରେ ଜମୁଥିଲା କବିତା, ଗପର ଆସର।




ମୁଁ ବି ମୋ' ଗ୍ରାମୀଣତାର କୁଣ୍ଠାକୁ ଅତିକ୍ରମି କେତେ କବିତା, ଗପ ପଢ଼ିଲି। ସମ୍ଭ୍ରାନ୍ତ ପତ୍ରିକା 'ଆସନ୍ତାକାଲି'ରେ ଗପଟିଏ ପ୍ରକାଶିତ ହୁଏ। ସେ ଗପର ନାଁ ଥିଲା 'ଆଖି'। ଏମ୍.ଏ. ଶେଷ ବର୍ଷରେ ବାହାଘର। ଜୀବନ ମୋଡ଼ ବଦଳାଏ। ଉଡ଼ିବୁଲୁଥିବା ମଇନା ପଞ୍ଜୁରିରେ ବନ୍ଦ ହୁଏ, ଅପାରଗ କାନ୍ଧରେ ସଂସାରର ଜୁଆଳି ପଡ଼େ। କବିତା ହଜିଯାଏ, ରୁଷିବସେ ଗପ। ୮୦ ରୁ ୮୩ ମସିହା ଭିତରେ ଦୁଇ ଚାରିଟା ଗପ, ପ୍ରବନ୍ଧ, କବିତା 'ସୁଚରିତା' ପରି କିଛି ବିଖ୍ୟାତ ଓ ଅଖ୍ୟାତ ପତ୍ରିକାରେ ବାହାରେ। ପୁଣି ଦୀର୍ଘ ବିରତି।

୧୯୯୩ ମସିହାର କେଉଁ ଏକ ଅମୃତଲଗ୍ନରେ ଅଧାଲେଖା ଗପଟିଏ ପୂର୍ଣ୍ଣାଙ୍ଗ ରୂପ ପାଇଲା, ପ୍ରକାଶିତ ହେଲା 'ସୁଚରିତା'ରେ। ତା'ପରେ ୪/୬ ମାସରେ ଗୋଟିଏ ଗୋଟିଏ ଗପ। ୧୯୯୬ ମସିହାରେ 'ସୁଚରିତା' ପତ୍ରିକା ତରଫରୁ 'ସୁପ୍ରୀତିଦେବୀ ଗନ୍ତାୟତ ସ୍ମୃତି ପୁରସ୍କାର' ଲାଭ। ଅନେକ କିନ୍ତୁ, ତଥାପି, ଯଦିଓକୁ ନେଇ ମୋର ପ୍ରଥମ ବହି 'କେବେ କେବେ ଈଶ୍ୱର'ର ପ୍ରକାଶନ। ଏ ବହିର ପ୍ରଚ୍ଛଦ ଆଙ୍କିଥିଲେ ଚିତ୍ରକର ମୋ' ସାନ ଦିଅର ମହେଶ କର। ବହିର ପ୍ରକାଶନ ପଛରେ ସମସ୍ତ ଶ୍ରେୟ ଥିଲା ମୋ' ସ୍ୱାମୀ ସୁବାସଙ୍କର। ପଶ୍ଚିମାର ସମ୍ପାଦକ ଶ୍ରଦ୍ଧେୟ ଅଶୋକ ମହାନ୍ତିଙ୍କ ଅବଦାନ କେବେ ଭୁଲିବାର ନୁହେଁ। ବୀଣାଅପା (ବୀଣାପାଣି ମହାନ୍ତି) ମୋ' ବହିର ଉପୋଦ୍‌ଘାତ ଲେଖିଥିଲେ। ସେଇଟା ଥିଲା ମୋର ବହୁଦିନର ଅଭିଳାଷ। କେବଳ ମୋ' ପ୍ରଥମ ବହିର ଉପୋଦ୍‌ଘାତ ନୁହେଁ, ମୋ' ସାହିତ୍ୟିକ ଜୀବନର ଉପୋଦ୍‌ଘାତ ବି ସେ ଲେଖିଥିଲେ। ସେ ଥିଲେ ମୋର ମାର୍ଗଦର୍ଶିକା। ପ୍ରେରଣାର ଉତ୍ସ। ମୋର ଅହୋଭାଗ୍ୟ, ମୋର ପ୍ରିୟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ହାତରେ ଉନ୍ମୋଚିତ ହୋଇଥିଲା ମୋର ପ୍ରଥମ ବହି।


ଗୋଲାପ ମଞ୍ଜରୀ କର

ମଞ୍ଚାସୀନ ଅତିଥିମାନେ ମୋ' ଗପ ବିଷୟରେ ଯାହା କହୁଥା'ନ୍ତି ତାକୁ ମୁଁ କାନ ନୁହେଁ, ସମସ୍ତ ଇନ୍ଦ୍ରିୟ ଦେଇ ଶୋଷି ନେଉଥିଲି। ଗୋଟିଏ ସମ୍ମୋହନ ଭିତରେ ମୁଁ ବୁଡ଼ି ରହିଥାଏ ଆକଣ୍ଠ। ଶେଷରେ କହିବାର ପାଳି ମୋର। ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ସାମ୍ନାରେ ମଞ୍ଚରେ ସେଇ ମୋର ପ୍ରଥମ ମୁହଁ ଖୋଲିବା। ମୁଁ କ'ଣ କହିଥିଲି, ଆଦୌ କହିପାରିଥିଲି କି ନା, ପାଟି ଖନି ବାଜି ଯାଇଥିଲା କି ମାଇକ୍ ଧରି ମୁଁ ଖାଲି ଜଳଜଳ ଚାହିଁଥିଲି ମୁଁ କହିପାରିବିନି। ଶେଷରେ ରମାକାନ୍ତ ରଥ ମତେ କହିଥିଲେ, ''ତମେ ଯାହା କହିଲ ଭାରି ନିଚ୍ଛକ ଭାବେ କହିଲ।'' ମୁଁ ଧନ୍ୟ ହୋଇଯାଇଥିଲି। ସେ ସଭାଗୃହ, ଅତିଥିମାନଙ୍କର ପ୍ରତିଟି ଶବ୍ଦ ଆଜି ବି ମୋ' ହୃଦୟରେ ଗୁଞ୍ଜରିତ ହୁଏ, ବୋଧହୁଏ ଜୀବନ ଥିବାଯାକେ ମନେଥିବ।

# କାଳିନ୍ଦୀଚରଣଙ୍କ 'ପଙ୍ଗୁ' ମନେ ପକାଇଦେଲା ଡଅପୋଇର କାହାଣୀ...




ମହାଶୟ,

* ହଂସ ହଂସରାଳୀଙ୍କ ଘର ଲେଉଟାଣି ଚିତ୍ର ସହ ନଦୀ ଜଳରେ ପତିତ ଅସ୍ତଗାମୀ ରବି କିରଣ, କାତ ସହ ଡଙ୍ଗା ବନ୍ଧା ଓ ନବପଲ୍ଲବକୁ ଅପେକ୍ଷାରତ ପତ୍ରଝଡ଼ା ତପସ୍ୱୀ ବୃକ୍ଷର ପ୍ରଚ୍ଛଦରେ ପରିଶୋଭିତ 'ସାହିତ୍ୟାୟନ' ଖୁବ୍ ଭଲ ଲାଗିଲା। 'ଅମୃତ ପଥେ'ର ରଚୟିତା ରବିନ ବାବୁ ସତରେ ଜଣେ ରବିନହୁଡ୍। ଲେଖାରେ ତାଙ୍କର ଅଜସ୍ର ଶକ୍ତି। 'ପୁଅ ପାଇଁ ଚିଠିଟିଏ'କୁ ପୁଅମାନଙ୍କ ପାଇଁ ଚିଠିଟିଏ କହିଲେ ଅତ୍ୟୁକ୍ତି ହେବନି। ଡ. ମଣୀନ୍ଦ୍ର ମେହେରଙ୍କ 'ଅବଲୋକନ' ଠିକ୍ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୃଷ୍ଟିକୁ ଏକାକାର କରିଦେଇଛି। ୱାଇଲ୍‌ଡଙ୍କ 'ବୁଲ୍‌ବୁଲ୍' ଓ କାଳିନ୍ଦୀଚରଣଙ୍କ 'ପଙ୍ଗୁ' ଉଭୟ ପକ୍ଷୀ ଓ ମଣିଷ ମନର ସମ୍ବେଦନଶୀଳ ଭବ୍ୟ ପରିପ୍ରକାଶ। ସାନଭାଉଜ ପଙ୍ଗୁର ସାଥୀ କଥା ପଢ଼ିଲାବେଳେ ମନରେ ଭାସି ଆସିଲା 'ନୀଳେନ୍ଦ୍ରି ନାମେ ସାନ ବୋହୂ, ଡଅପୋଇର ପ୍ରିୟ ସେହୁ'। ଯେଉଁମାନେ ଅସୁନ୍ଦର ଓ ଖଣ୍ଡିତ ରୂପର ଅଧିକାରୀ ସେମାନଙ୍କ ହୃଦୟ ପ୍ରାଣପ୍ରାଚୁର୍ଯ୍ୟରେ ଭରା– ଠିକ୍ ଆମ କାଳିଆ ଠାକୁରଙ୍କ ପରି। ଏଇ ହାତ ନ ଥିବା ଦିଅଁଙ୍କୁ କିଏବା କ'ଣ ନ ମାଗୁଛି, ଏଇ କାନ ନ ଥିବା ଦିଅଁକୁ କିଏବା କ'ଣ ନ କହୁଛନ୍ତି! ପ୍ରଦୀପ ବାବୁ ଦୁଇଟି ଦୀପ ଜଳେଇଛନ୍ତି ବାମ ଓ ଡାହାଣ ହାତ ପରି। 'ଭୋଟ' ଗଳ୍ପ ଶିକ୍ଷଣୀୟ। 'ଝରାଫୁଲର ବାସ୍ନା' ଆଖିରୁ ଲୁହ ଝରେଇ ଦେଲା। କବିତାତକ ଭଲ ଲାଗିଲା। 'ପହିଲି ପୁଲକ'ର ଶ୍ୟାମବାବୁ 'ବାଲ୍ୟକାଳୁ ଧନ ଧର୍ମକୁ ସଞ୍ଚି ବଞ୍ଚିଥିବେ ଚିରକାଳ ପର୍ଯ୍ୟନ୍ତ।' 'ପୁସ୍ତକ ପରିଚୟ'ରେ ଏଥର ବହୁ ଭଲ ବହି ସ୍ଥାନିତ।

*– ସୁସ୍ମିତା ପୁରୋହିତ, ସଦେଇପାଲି, ବୁର୍ଲା, ସମ୍ବଲପୁର*

* ୧୭ ଏପ୍ରିଲ, ୨୦୧୯ ଧରିତ୍ରୀ 'ସାହିତ୍ୟାୟନ' ପୃଷ୍ଠାରେ ପ୍ରକାଶିତ ଡ. ମଣୀନ୍ଦ୍ର କୁମାର ମେହେରଙ୍କ ଦୁଇ ଭିନ୍ନଭାଷୀ ଲେଖକ: ଦୁଇ ଅଭୁଲା ଗପ ଏତେ ହୃଦୟସ୍ପର୍ଶୀ, ଏତେ ସମ୍ବେଦନଶୀଳ ଯେ ତା' ଉପରେ ଲେଖିବା ପାଇଁ ଭାଷା ନାହିଁ। ଜଣେ ଆୟର୍ଲାଣ୍ଡ, ଜଣେ ଏଇ ଓଡ଼ିଶା ଭାରତ ବର୍ଷର। କିନ୍ତୁ ଚିନ୍ତାଧାରାରେ କେତେ ସାମଞ୍ଜସ୍ୟ ଅଛି। ଲେଖକଙ୍କୁ ସାଧୁବାଦ ଜଣାଉଛି 'ଧରିତ୍ରୀ' ମାଧ୍ୟମରେ। ବିଶେଷ ଗଳ୍ପ 'ମାସ ଫେବୃଆରୀ ସନ ଉଣେଇଶ', ଅନୁସୃଜନ ଗଳ୍ପ 'ଅଧିକାର', ମିନିଗଳ୍ପ 'ରୋଜଗାର', କବିତା 'ଭଗ୍ନଶିଳାର ମଗ୍ନ ମନ' ଖୁବ୍ ଭଲ ଲାଗିଛି। ଶ୍ୟାମ ପ୍ରକାଶ ସେନାପତିଙ୍କ 'ପହିଲି ପୁଲକ' ଅନୁଭୂତିରେ 'ପ୍ରଥମ ଲେଖାର ଆନନ୍ଦ ଥରେ ଆସେ, ହେଲେ ସରେ ନାହିଁ– ନିରାଟ ସତ କଥା। 'ଅମୃତ ପଥେ'ରେ ଲେଖକଙ୍କର ସେହି ପଂକ୍ତି ଜଣେ ଲେଖକର ସାହିତ୍ୟ ସୃଷ୍ଟି ସେତେବେଳେ ସଫଳ ହୁଏ, ଯେତେବେଳେ ଅପରର ହୃଦୟକୁ ଛୁଇଁ ବିଗଳିତ କରେ। ଯଥାର୍ଥ କଥା।

*– ଜ୍ୟୋତ୍ସ୍ନାରାଣୀ ପଣ୍ଡା,*
*ରାମହରି ନଗର–୨, ବ୍ରହ୍ମପୁର*

* ମାର୍ଚ୍ଚ ୨୦ ତାରିଖ 'ସାହିତ୍ୟାୟନ' କବିତା ପୃଷ୍ଠାରୁ ଶିବ ମିଶ୍ର ବିରଚିତ 'ତିନୋଟି ମିନି କବିତା' ପଲକପାତ, ମୁଦାଗମ୍ଭୀରା ଓ ଖୋଜିଲେ ପାଉନି ଫଗୁଣର ସୁଗନ୍ଧରେ ସୁଗନ୍ଧିତ। ବୀଣାପାଣି ପଣ୍ଡାଙ୍କ 'ଶୀତ' ଯଦିଓ ବଙ୍ଗଳାଶ୍ରୀ ବୃତ୍ତରେ ଲେଖାଯାଇନି, ତଥାପି ଶେଷ ପଦଟି ଖୁବ୍ ଚମତ୍କାର ହୋଇପାରିଛି। ସଂଜୀବ କୁମାର ପଣ୍ଡାଙ୍କ 'ବାପାପଣ' କବିତାରେ ବାତ୍ସଲ୍ୟ ପ୍ରେମର ଧାରାକୁ ସୁନ୍ଦର ଭାବେ ଚିତ୍ରଣ କରିଯାଇଛନ୍ତି। ଗୀତି–କବିତା 'ପ୍ରୀତିର ଶରଧାବାଲି'ରେ ନାମଯଜ୍ଞ ମିଶ୍ର 'ପ୍ରୀତିର ଇତି' ସବୁଦିନ ପାଇଁ ରଖିଛନ୍ତି ସାଇତି। ଲିପ୍‌ସା ପଟେଲଙ୍କ 'ପ୍ରତିଛବି'ରେ ଦର୍ପଣରେ ଦୁଇଟି ମୁଖର ରୂପକୁ ଅତି ସୁନ୍ଦରଭାବେ ଦେଇଛନ୍ତି ବଦଳାଇ। ପ୍ରଥମ ବହି ସ୍ତମ୍ଭରେ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର 'ତୃତୀୟ ପାଦର ପୃଥିବୀ'ରେ 'ଭୀମଭୋଇ' କବିତା ସ୍ଥାନିତ କରି ମହତ୍ କାର୍ଯ୍ୟ କରିଛନ୍ତି। 'ପ୍ରଦକ୍ଷିଣ'ରୁ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଆତ୍ମଚରିତରୁ ଆନୀତ 'କଟକ ଓ କବି କାଜୁକୋ' ଶିରୋନାମାରେ ରହିଛି ପଞ୍ଚ'କ'। ଥରେ 'ପାହିନି ରାତି' ପଢ଼ିବା ଦରକାର। 'ଆତ୍ମାର ଶାନ୍ତି' ରମ୍ୟ ରଚନା ମାଧ୍ୟମରେ 'ନିଃସର୍ତ୍ତ ଭଲପାଇବା' ଦ୍ୱାରା ଏହା ସମ୍ଭବ ବୋଲି ଡ. ସୁଲୋଚନା ଦାସ ମତବ୍ୟକ୍ତ କରନ୍ତି। ଗାଳ୍ପିକ ମନୋରଞ୍ଜନ ପଣ୍ଡାଙ୍କ 'ବାଲିଝଡ଼ରୁ ନରକ' ଲେଖାର ଶୈଳୀ ଅତ୍ୟାଧୁନିକ– ପଦବିନ୍ୟାସ ଉଚ୍ଚକୋଟୀର। ସବୁଠାରୁ ଭଲ ହୋଇଛି ଗାଉଁଲି ଭାଷାରେ ଲିଖିତ ପ୍ରଜ୍ଞାଶ୍ରୀ ନନ୍ଦଙ୍କ 'ସବାରି', ଯାହା 'ସ୍ମରଣୀୟ' ପୃଷ୍ଠାକୁ ଶ୍ରେଷ୍ଠ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ଦୁଃଖାନ୍ତ ଚରିତ୍ର ବର୍ଣ୍ଣନା କଷ୍ଟସାଧ୍ୟ। ତା' ସହ ସବାରି ନିମନ୍ତେ ବ୍ୟବହୃତ ସମସ୍ତ ସରଞ୍ଜାମକୁ ସେ ଟିକିନିଖି ବର୍ଣ୍ଣନା କରିଛନ୍ତି। ଭାବିଥିଲି, ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗ୍ରାମୋଫୋନ୍ ଗୀତ ''ସବାରି ଚାଲେରେ ଧୀରେଧୀରେ, ଏ ଗାଁ ଛାଡ଼ିଯିବ ବହୁଦୂରେ– ଝିଅ ଜନମ ପରଘରକୁ...।'' ମାତ୍ର ରେବତୀ, ବୁଢ଼ାଶଙ୍ଖାରୀ ପରେ ଦିବ୍ୟ ସୁନ୍ଦରୀ ଭୁବନମୋହିନୀଙ୍କୁ ବାଲ୍ୟ ବିଧବା କରି 'ସବାରି'ର ଗାଳ୍ପିକା ନିଶ୍ଚିତ ଭାବେ ଏକ ଗଡ଼ ଜିତିଛନ୍ତି ବୋଲି କହିବାକୁ ହେବ। ପ୍ରଥମ ପୃଷ୍ଠାରେ ହସ୍ତୀଯୁଗଳ, ପକ୍ଷୀ, କୁକୁର, ମଣିଷ ସବୁଠି ଅବିରମୟ। ଠାଏ ଠାଏ ହୋଲିର ଛିଟା।

*– ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷକ)*
*ହେମଲତା ପବ୍ଲିକ ସ୍କୁଲ, ଗୋବିନ୍ଦନଗର, ଗୋଳନ୍ଥରା, ଗଞ୍ଜାମ*

* ଏପ୍ରିଲ ୧୭–୩୦, ୨୦୧୯ ଧରିତ୍ରୀ 'ସାହିତ୍ୟାୟନ'ରେ ରବିନ୍ ଖଣ୍ଡାୟତରାୟଙ୍କ ପ୍ରଥମ ପ୍ରକାଶିତ ବହି 'ଅମୃତ ପଥେ' କିପରି ପ୍ରତିବଦ୍ଧତା ଯୋଗୁ କଷ୍ଟରେ ପ୍ରକାଶିତ ହୋଇ ଦ୍ୱିତୀୟ ସଂସ୍କରିତ ହୋଇଛି ଅର୍ଥାତ୍ ପାଠକୀୟ ଉଚ୍ଚ ମୂଲ୍ୟ ବହନ କରିଥିବାର ଜୟମାଲ୍ୟ! ତାଙ୍କୁ ଅଭିନନ୍ଦନ। ଡ. ମଣୀନ୍ଦ୍ର କୁମାର ମେହେରଙ୍କ ପ୍ରବନ୍ଧ 'ଦୁଇ ଭିନ୍ନଭାଷୀ ଲେଖକ, ଦୁଇ ଅଭୁଲା ଗପ'ରେ ଓସ୍କାର ୱାଇଲ୍‌ଡ ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ଦି ନାଇଟିଙ୍ଗେଲ ଏଣ୍ଡ୍ ରୋଜ' ଓ 'ପଙ୍ଗୁ' ଗଳ୍ପକୁ ଯେପରି ତୁଳନା କରିଛନ୍ତି, ତାହା ପଢ଼ି ମୁଁ ମୁଗ୍ଧ ହୋଇଗଲି। 'ମାସ ଫେବୃଆରୀ ସନ ଉଣେଇଶ' ଲେଖାରେ ଲେଖକ ପ୍ରଦୀପ ନାୟକ ଦୁଇ ବାନ୍ଧବୀଙ୍କର ଦିବଂଗତ ସ୍ୱାମୀ ଯେ କି ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିଲେ, ଅତ୍ୟନ୍ତ ଉଚ୍ଚକୋଟୀର। ଭିକାରୀ ଚରଣ ପ୍ରଧାନଙ୍କ ଅନୂଦିତ ଗଳ୍ପ 'ଅଧିକାର' ଭଲ ଲାଗିଲା। ମୃଣାଳଙ୍କର ବ୍ୟଙ୍ଗ 'ଏକ ଗୁଚ୍ଛ ଭୋଟ ଗପ', କ୍ଷୁଦ୍ରଗଳ୍ପ 'ଝରାଫୁଲର ବାସ୍ନା', କବିତା ଭଲ ଲାଗିଲା। ଗୀତି–କବିତା 'ଭଗ୍ନଶିଳାର ମଗ୍ନ ମନ' ତୃତୀୟ ଧାଡ଼ିରେ 'ଡାଏରୀ' ସ୍ଥାନରେ ଅତୀତ ଏବଂ ସାଏରୀ ସ୍ଥାନରେ ସଙ୍ଗୀତ ହୋଇଥିଲେ ଓଡ଼ିଆ ସ୍ୱାଭିମାନ ରହିଥା'ନ୍ତା, ସେପରି ୫ମ ଧାଡ଼ି ଶେଷରେ 'ଲାର୍ଭା' ନ ହୋଇ 'ଲାଭା' ହୋଇଥା'ନ୍ତା। ଲାର୍ଭା ହେଉଛି ବେଙ୍ଗ ଜୀବନର ଏକ ଅବସ୍ଥା।

*– ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର,*
*ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ*

* 'ସାହିତ୍ୟାୟନ' ୧୭–୩୦ ଏପ୍ରିଲ ସଂଖ୍ୟା ହସ୍ତଗତ ହେଲା। 'ଅନୁବାଦ' ଏକ କଳା। ମୂଳ ଭାଷାର ଲେଖକଙ୍କ ଦର୍ଶନକୁ ନିଜ ଭାଷାରେ ସୂକ୍ଷ୍ମ ଭାବରେ ପ୍ରକାଶ କରିବା ହିଁ ହେଉଛି ପ୍ରକୃତ ଅନୁବାଦ। ଚଳିତ ସଂଖ୍ୟାରେ ସ୍ଥାନିତ ଅନୁବାଦ ଗଳ୍ପ 'ଅଧିକାର' ଅତି ଚମତ୍କାର ହୋଇଛି। ଦୁଷ୍କର୍ମର ଶିକାର ଦୁଃଖୀ ଭଉଣୀଟିଏ ନିଜର ଛୋଟଛୋଟ ଭାଇଭଉଣୀମାନଙ୍କୁ ମଣିଷ କରିବା ପାଇଁ କେତେଯେ ସଂଘର୍ଷ କରିଛି, ତା'ର ନିଖୁଣ ବର୍ଣ୍ଣନା ମିଳେ ଏହି ଗଳ୍ପରୁ। ଗଳ୍ପ 'ଝରାଫୁଲର ବାସ୍ନା' ଭଲ ଲାଗିଲା। ଆଗାମୀ ସଂଖ୍ୟାରେ ଏମିତି ହୃଦୟସ୍ପର୍ଶୀ ଗଳ୍ପ ଅପେକ୍ଷାରେ ରହିଲୁ।

*– ଅରୁଣ କୁମାର ନାୟକ, ମାନସ କୁମାର ଜେନା,*
*ଏରେଇଁ ଚରଂପା, ଭଦ୍ରକ*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଗଳ୍ପ

# ଅସଜଡ଼ା ଘର

**ପ୍ରଶାନ୍ତ କୁମାର ମହାନ୍ତି**

ଅଜାଣତରେ ମୋ' ପାଟିରୁ କଥା ଖସିଗଲା 'କୁହନ୍ତୁ, ମୁଁ ଶୁଣୁଛି।' ମୁଁ ଯେ ଯା ଭିତରେ ମୋ' ପିଲାଦିନର ସ୍ମୃତି ସାଉଁଟୁଥିଲି ସେ କାହୁଁ ଜାଣିବେ। ମନେମନେ ମୁଁ ତୁଳନା କରୁଥିଲି ଦୁଇଟି ଚରିତ୍ରଙ୍କୁ। ଜଣେ ଯୁବାବସ୍ଥାରେ ମୋ' ପିଲା ବୟସର ଆଖି ଦେଖିଥିବା ଟୁଲା ଭାଇ ଆଉ ଆର ଜଣକ ମୋ' ଯୁବାବସ୍ଥାରେ ମୋ' ସାମ୍ନାରେ ମନ ଗହନର ଅକୁହା କଥା ବଖାଣି ଚାଲିଥିବା ଅବସର ବୟସର ପାଖାପାଖି ପହଞ୍ଚିଥିବା ଟୁଲା ଭାଇ। ମଣିଷଗୁଡ଼ାକ କ'ଣ ପାଇଁ ଏମିତି ବଦଳିଯା'ନ୍ତି?

''ମୁଁ ଯାହାସବୁ କହି ଚାଲିଛି ସେ ସବୁ ବୋଧହୁଏ ତୋତେ ନାଟକର ସଂଳାପ ଭଳି ଲାଗୁଥିବ। ନା' କ'ଣ କହୁଛୁ?''

ତଥାପି ରାଜେଶ ଚୁପ୍ ଥିଲା। କେମିତି କହିଥା'ନ୍ତା– ''ତୁମେ ଯାହା କହୁଛ ତାହା କୌଣସି ନାଟକର ସାଧାରଣ ଏବଂ ପାରମ୍ପରିକ ସଂଳାପ ନୁହେଁ, ବରଂ ମାର୍ମିକ ଏବଂ ସମ୍ବେଦନଶୀଳ ଅଭିବ୍ୟକ୍ତି; କୌଣସି ଏକ ଅସଫଳ ବ୍ୟର୍ଥ ଚରିତ୍ରର। ଇଏ କୌଣସି ଚରିତ୍ରର ନିରୀହପଣର ଆତ୍ମୋପଲବ୍ଧି ବୋଲି ଶତକଡ଼ା ଶହେରୁ ଶହେ କହି ହେବ ନାହିଁ।''

''ଆରେ କ'ଣ ଭାବୁଛୁ ରାଜେଶ? ତୁ ମୋ' ପାଖକୁ ଆସିଛୁ କଥା ନେବାକୁ। କିନ୍ତୁ ମୁଁ ଯାହା କହି ଚାଲିଛି ସେ ସବୁ ଭିତରେ ତୁ ନିଜେ ହଜିଯାଉଛୁ ନା' ଗୋଟାପଣେ ମୁଁ ମିଛ କହୁଛି ବୋଲି ତୁ ନିରୁତ୍ତର ରହୁଛୁ? ଆରେ କଥୋପକଥନ ଏକପାଖିଆ ହେଲେ ଆଲୋଚନାର ଗାମ୍ଭୀର୍ଯ୍ୟ ରହେ ନାହିଁ। ଗୁରୁତ୍ୱ କମିଯାଏ। କଥା ମଝିରେ ତୁ କିଛି ହେଲେ ପ୍ରଶ୍ନ କରୁନାହୁଁ? ଯେମିତି... କ'ଣ ପାଇଁ? କାହିଁକି? ଇତ୍ୟାଦି ଇତ୍ୟାଦି।''

ଟୁଲା ଭାଇ ମୋ'ଠାରୁ ଅନେକ ବର୍ଷ ବଡ଼। ସମ୍ପର୍କରେ ସେ ମୋର



ପିଉସୀ ପୁଅ ଭାଇ। ତାଙ୍କ ସାମ୍ନାରେ ବସି କଥା ହେବାର ସତ୍‌ସାହସ ମୋର ନାହିଁ। ତାଙ୍କ ମୁହଁର ଭାବଭଙ୍ଗୀ ଦେଖିଲେ ମୁଁ ଡରିଯାଏ। ପିଲାଦିନୁ ଡରି ଆସିଥିବା ଟୁଲା ଭାଇଙ୍କୁ ମୁଁ ଆଜି ପ୍ରଥମ କରି ସାମ୍ନା କରୁଛି। ସେ ବି ଠିକ୍ ଜାଣିଛନ୍ତି ମୋ' ଭଳି ତାଙ୍କର ଅନ୍ୟ ଭାଇ ଭଉଣୀମାନେ ଏପରିକି ସାଇ ପଡ଼ିଶାର ପିଲାମାନେ କେବେ ବି ତାଙ୍କ ସହିତ ମିଶି ନାହାନ୍ତି। ତାଙ୍କୁ ଦେଖିଦେଖି ସମସ୍ତେ ଚୁପ୍ ହୋଇଯା'ନ୍ତି। ସାନମାନଙ୍କୁ ବିଚିତ୍ର ଅଜଣା କଠିନ ପ୍ରଶ୍ନ ପଚାରି ଡରେଇ ଦେବା ତାଙ୍କର ଥିଲା ଏକ ବଦ ଅଭ୍ୟାସ। ତେବେ ଖୁବ୍ ଅଧିକ ବ୍ୟବଧାନରେ ସିଏ ଗାଁକୁ ଆସୁଥିବାରୁ ମୋ' ବୟସର ପିଲାମାନେ ଅନ୍ତତଃ ଆଶ୍ୱସ୍ତ ହେଉଥିଲୁ।

ପିଲାବେଳେ ମୋ' ପିଉସୀ ଘରେ ରହି ମୁଁ ସ୍କୁଲ ପାଠ ଶେଷ କରିଥିଲି। ସାଇର ଅନ୍ୟମାନେ ସାପ୍ତାହିକ ସରକାରୀ ଛୁଟିରେ ଗାଁକୁ ନିୟମିତ ଆସୁଥିଲେ ବି ଟୁଲା ଭାଇ ଏଥିରୁ ବାଦ୍ ଯାଉଥିଲେ। ଯେଉଁଥରକ ଆସୁଥିଲେ, ଦିନରେ ଆସି ଦିନରେ ଫେରି ଯାଉଥିଲେ। ସେଇତକ ସମୟ ଆମକୁ କେଉଁଠି ନା କେଉଁଠି ନିଜକୁ ଛପେଇ ରଖିବାକୁ ପଡୁଥିଲା। ଯାହା ବୁଝିଥିବେ ସେଇୟା। ଟିକେ ଏପଟ ସେପଟ ହେବ ନାହିଁ। ସମସ୍ତେ ତାଙ୍କୁ ଏକଜିଦିଆ ବୋଲି କୁହନ୍ତି। କଥାକଥାକେ ସେ କୁହନ୍ତି, ''ମୁଁ ଛୁରି ଧାରରେ ଚାଲିବା ଲୋକ। ମୋ' ପାଖରେ କେହି ଚଗଲବଗଲ କଲେ ମୁଁ ଛାଡ଼ିବି ନାହିଁ। କାଉଁରିଆ କାଠି ଭାଙ୍ଗିଯିବ, କିନ୍ତୁ ନଇଁବ ନାହିଁ। ଆଖି ଦି'ଟା ଡେଗାଡେଗା, ପୁଣି ଲାଲ୍‌ଲାଲ୍। ନ ଡରିବା ଲୋକ ଡରିଯିବ। ତାଙ୍କ ଚେହେରାଟା ତାଙ୍କ ବୟସକୁ ଭୁଲ ପ୍ରମାଣିତ କରେ। ଗୋଟାଏ ବୟସ୍କ ଲୋକ ଭଳି ଟୋକା ବେଳେ ସେ ଦିଶୁଥିଲେ।

''ଆରେ ତୁ ପ୍ରଶ୍ନ ପଚାରି ପାରିବୁ କେମିତି? ମୋ' ପ୍ରଶ୍ନର ଉତ୍ତର ଦେଲା ଭଳି କାହାର ତାକତ ଅଛି?''

ଅଜାଣତରେ ମୋ' ପାଟିରୁ କଥା ଖସିଗଲା 'କୁହନ୍ତୁ, ମୁଁ ଶୁଣୁଛି।' ମୁଁ ଯେ ଯା ଭିତରେ ମୋ' ପିଲାଦିନର ସ୍ମୃତି ସାଉଁଟୁଥିଲି ସେ କାହୁଁ ଜାଣିବେ। ମନେମନେ ମୁଁ ତୁଳନା କରୁଥିଲି ଦୁଇଟି ଚରିତ୍ରଙ୍କୁ। ଜଣେ ଯୁବାବସ୍ଥାରେ ମୋ' ପିଲା ବୟସର ଆଖି ଦେଖିଥିବା ଟୁଲା ଭାଇ ଆଉ ଆର ଜଣକ ମୋ' ଯୁବାବସ୍ଥାରେ ମୋ' ସାମ୍ନାରେ ମନ ଗହନର ଅକୁହା କଥା ବଖାଣି ଚାଲିଥିବା ଅବସର ବୟସର ପାଖାପାଖି ପହଞ୍ଚିଥିବା ଟୁଲା ଭାଇ। ମଣିଷଗୁଡ଼ାକ କ'ଣ ପାଇଁ ଏମିତି ବଦଳିଯା'ନ୍ତି? ପରିବେଶ ପରିସ୍ଥିତି କ'ଣ ସେମାନଙ୍କ ସ୍ୱାଭିମାନକୁ ଏମିତି ଏମିତି ଜିଅନ୍ତା ସମାଧି ଦେଇଦିଏ? ସେମାନେ କ'ଣ କୁଳକିନାରା ପାଆନ୍ତି ନାହିଁ ଏଥିରୁ ମୁକୁଳିବାକୁ?

''ତୁ ଭାବୁଥିବୁ ମୁଁ ଏଇ ଅଫିସର ପୁରୁଣାକାଳିଆ କାଠ ଟେବୁଲ ଉପରେ ରାତି ବିତୋଉଛି କାହିଁକି? ଆରେ ଇଏ ମୋ' ଦୋଷ ନୁହେଁ କି ଆଉ କାହାର ଦୋଷ ନୁହେଁ। ଦୋଷ ହେଉଛି ସରକାରୀ ପଦସ୍ଥ ଅଧିକାରୀମାନଙ୍କର। ଆଜକୁ ଦୀର୍ଘ ଦୁଇ ବର୍ଷ ହେଲା ମୁଁ ଲେଖିଦେଇଛି। ମୋତେ ସରକାରୀ ଚାକିରିରୁ ଅବସର ଦିଆଯାଉ। ଫାଇଲ ଏ ଟେବୁଲ ସେ ଟେବୁଲରେ ଲୁଚକାଳି ଖେଳୁଛି। ମୁଁ କିଛି କାମ କରିପାରୁ ନାହିଁ। ଅଥଚ ମାସକୁ ମାସ ଦରମା ନେଉଛି। ଇଏ କ'ଣ କମ୍ ବଡ଼ ଅପରାଧ? ସହକର୍ମୀମାନେ ତୁଚ୍ଛା ଦରଦ ଦେଖେଇ ମୋ' କାମ କରିନେଇ ମୋତେ ରୀତିମତ ଠକିବା ଶିଖଉଛନ୍ତି। ଦିନେଦିନେ ମୋ' ମନ କହେ ମୁଁ ଆଉ ଏତେ ଅନ୍ୟାୟ କରିବି ନାହିଁ। ଇସ୍ତଫା ଦେଇଦେବି। କେତେଥର ଦେଇଛି ମଧ୍ୟ। କିନ୍ତୁ ମୋ' ଉପରିସ୍ଥ ଅଧିକାରୀ ଚିରି ଫୋପାଡ଼ି ଦେଇଛନ୍ତି। ସେମାନଙ୍କ ମୁହଁରୁ ମୁଁ ଶୁଣିଛି ଆମ ଡିପାର୍ଟମେଣ୍ଟରେ ଆପଣ ଜଣେ ସଚ୍ଚୋଟ କର୍ମଚାରୀ। ଦୀର୍ଘ ବର୍ଷ ହେବ କାମ କରି ଆସୁଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରେ କାମ କରିଛନ୍ତି। ଆପଣଙ୍କ ସଚ୍ଚୋଟତାର ପଟାନ୍ତର ନାହିଁ। ସେଇଥିପାଇଁ ସାଧାରଣ କିରାଣିରୁ ଆପଣଙ୍କର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ ଆପଣଙ୍କୁ ସହକାରୀ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି। ଅନ୍ତତଃ ସପ୍ତମ ବେତନ କମିଶନର ପେ ସ୍କେଲ ଲାଗୁ ହେବା ପର୍ଯ୍ୟନ୍ତ ରହିଯା'ନ୍ତୁ। ପେନ୍‌ସନ୍ ଅଧିକା ମିଳିବ।''

ବୁଝିଲୁ ରାଜେଶ ସେମାନଙ୍କର ମୋ' ପ୍ରତି ଥିବା ଉଦାରତା ଦେଖି ମୁଁ ମନେମନେ ହସିଥାଏ। କିରେ ପେନ୍‌ସନ୍ କ'ଣ ହେବ? କ'ଣ କରିବି ପେନ୍‌ସନ୍ ନେଇ? ମୁଁ ତ ଭାବୁଛି ମୁଁ ପେନସନ୍ ପାଇବା ପର୍ଯ୍ୟନ୍ତ ବଞ୍ଚି ରହିବି ନାହିଁ।

'କ'ଣ ପାଇଁ ଏତେ ବଡ଼ କଥା କହିଲ?' ମୁଁ ଚମକି ପଡ଼ି ପ୍ରଶ୍ନ କଲି।

''ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ଛୁଟିଦିନମାନଙ୍କରେ ଘରକୁ ଫେରିଲେ ସବୁଦିନ ଭଳି ହୋଟେଲରୁ ରୁଟି ଆଣି ଖାଇବାକୁ ହେଉଛି। ନ ଖାଇଲେ ବି ପଚାରି ବୁଝିବାକୁ କେହି ନାହିଁ।''

'ତାହେଲେ କ'ଣ?'

ମୋ' ପାଟିରୁ କଥା ଛଡ଼େଇ ନେଇ ଟୁଲା ଭାଇ କହିଚାଲିଲେ, ''ଆରେ ଅଫିସରେ ସଚ୍ଚୋଟ ଭାବରେ ଖଟଣି ଖଟି ମୋର ସ୍ୱଳ୍ପ ବେତନର ବଳକା ରାଶିରେ କଟକ ଭଳି ସହରରେ ଦୁଇ ବଖରା ଘର କରିଥିଲି। ସେ ଘରେ କେହି ରହୁନାହାନ୍ତି। ମୁଁ ଛୁଟିରେ ଗଲେ ରୁହେ।''

'ତେବେ କ'ଣ ଭାଉଜ ଏବଂ ପିଲାମାନେ.....'

''ହୁଁ, ସେମାନଙ୍କର ମୋ' ଘର ପସନ୍ଦ ନୁହେଁ। ସୋଫେଷ୍ଟିକେଟେଡ୍ ଘରଭଡ଼ା ନେଇ ନ ରହିଲେ ଆଜିକାଲି ସମାଜରେ ସେମାନଙ୍କର ସମ୍ମାନ ରହୁନାହିଁ। ସମସ୍ତେ ରୋଜଗାର କରୁଛନ୍ତି। ଭଡ଼ା ନେଇ ରହିବା ଏବଂ ହୋଟେଲ, ମଲ୍ ଏବଂ କ୍ଲବ ଯିବାରେ ସେମାନଙ୍କର ବ୍ୟକ୍ତିଗତ ତଥା ସାମାଜିକ ପ୍ରତିଷ୍ଠା ବଢୁଛି। ବହୁତ ବଡ଼ବଡ଼ ଲୋକ ସେମାନଙ୍କ ସଂସ୍ପର୍ଶରେ ଆସୁଛନ୍ତି।''

'ତାହେଲେ କ'ଣ ଭାଉଜ ତୁମକୁ...?'

''ହଁ, ସିଏ ଆରମ୍ଭରୁ ଯାହା ଏବେ ସେଇଆ, ଭ୍ୟାନିଟି ହଲେଇ ଘରୁ ବାହାରିଯିବାଟା'ର ପୁରୁଣା ଅଭ୍ୟାସ। ପିଲାମାନେ ତାକୁ ହିଁ ଅନୁସରଣ କଲେ।''

'ଭାଇ ଛୋଟ ମୁହଁରେ ବଡ଼ କଥା। କହିବାକୁ ସାହସ ଦେଲେ କହିବି।'

'ଆରେ କହ। ସଙ୍କୋଚ କରିବାର କିଛି ନାହିଁ। କ'ଣ କହୁଛୁ?'

'କଥା କ'ଣ କି ଆପଣ କ'ଣ ସେମାନଙ୍କୁ ଫେରେଇ ଆଣିବାକୁ ଚେଷ୍ଟା କରିନାହାନ୍ତି?'

''ମୋ' କଥା ତ ଜାଣିଛୁ। ମୋର ପଦେ କଥା। ଯଦି ସେମାନଙ୍କ ପରି ମୋ' ଠାରୁ ଉଚ୍ଚ ଶିକ୍ଷିତା ମା' ଝିଅଙ୍କୁ ଅକଲ ଶିଖେଇଲା ନାହିଁ, ମୁଁ ବା ଆଉ କ'ଣ କରିବି? ମୁଁ ତ ଭାବୁଛି ସେମାନେ ଯେଉଁ ସମାଜରେ ସମୟ ବିତାଉଛନ୍ତି, କେବେ ବି ସେଠାରେ ମୋର ପରିଚୟ ଦେଉ ନ ଥିବେ!''

ମୁଁ ଭାବୁଥିଲି– 'ଜୀବନଟାକୁ ଏମିତି ନଷ୍ଟ କରି ମାନସିକ ଯନ୍ତ୍ରଣାରେ ଛଟପଟ ହେବା ଅପେକ୍ଷା ଟୁଲା ଭାଇ ସେମାନଙ୍କ ସହିତ ସାଲିସ୍ କରି ନେଉ ନାହାନ୍ତି କାହିଁକି?'

'ଆରେ କ'ଣ ଭାବୁଛୁ?' ଟୁଲା ଭାଇ ପ୍ରଶ୍ନ କଲେ। 'ତୁ ବୋଧେ ଭାବୁଛୁ ଏ ବୟସରେ ମୁଁ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରିନେବାଟା ଭଲ ହେବ? ନା ନା ମୋ' ନୀତି ଆଦର୍ଶରୁ ମୁଁ ଇଞ୍ଚେ ବି ତଳକୁ ଖସିବି ନାହିଁ। ସମୟ ଆସିଲେ ସେମାନେ ନିଶ୍ଚୟ ସେମାନଙ୍କ ଭୁଲ ବୁଝିବେ। ଅପେକ୍ଷା କର।'

'କିନ୍ତୁ...?'

''କିନ୍ତୁ କ'ଣ? ତୁ' ଭାବୁଛୁ ସେମାନେ ବୁଝିଲାବେଳକୁ ମୋର ଅବସ୍ଥା କ'ଣ ହୋଇଥିବ? ମୁଁ ସଂସ୍କାରି ପରିବାରରୁ ଆସିଛି। ଅପସଂସ୍କୃତିକୁ ମୁଁ ସୁଯୋଗ ଦେବି କେମିତି?''

'କିନ୍ତୁ ଭାଇ, ଦିନ ଆସିବ...'

''ଓଃ! ଦିନ ଆସିବ। ମୁଁ ବିଛଣାରେ ପଡ଼ିଗଲେ ମୋ' କଥା କିଏ ବୁଝିବ? ଏଇ କଥା ଆଶଙ୍କା କରୁଛୁ ନା? ସେ ସବୁକୁ ମୋର ନିଘା ନାହିଁ। ବାପା ମା'ଙ୍କ ପାଇଁ ମୁଁ କ'ଣ କରିପାରିଲି? କେବଳ ମାସକୁ ମାସ ସେମାନଙ୍କ ଔଷଧ ଖର୍ଚ୍ଚ ଦେଇ ଚାଲିଲି। କେବେ ସେମାନଙ୍କୁ ପାଖରେ ରଖି ସେମାନଙ୍କ ସେବା କରିପାରିଲି?

କିଏ ମୋର ସେବା କରିବ ନ କରିବ ସେ କଥା ମୁଁ କାହିଁକି ଚିନ୍ତା କରିବି? ମୁଁ ମୋ' ଅଫିସ ଲୋକମାନଙ୍କୁ କହିଛି ମୁଁ ମରିଗଲେ ମୋତେ ସ୍ୱର୍ଗଦ୍ୱାର ନେଇଯିବେ।

ମୋ' ପରିବାରକୁ କିଛି ହିଁ ଜଣେଇବେ ନାହିଁ। ଜଣେଇଲେ ଲାଭ ବା କ'ଣ ହେବ!''

☞ ପୃଷ୍ଠା-୫

ସ୍ମରଣୀୟ

**ସୃଜନର ବିବିଧ ବିଧାରେ ଭୂପେନ୍‌ଙ୍କ ଉଲ୍ଲେଖନୀୟ କୃତିତ୍ୱ ଯଦିଓ ଅବିସଂବାଦିତ, ତଥାପି ଓଡ଼ିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରକୁ ତାଙ୍କର ଅବଦାନ ଓଡ଼ିଆ ପାଠିକାପାଠକଙ୍କ ପକ୍ଷେ ବିସ୍ମୃତ ହେବାର ନୁହେଁ। ଏଇ ଲେଖକଙ୍କର ଏଯାବତ୍ ପ୍ରକାଶ ପାଇଛି ୨୨ଟି ଗଳ୍ପ ସଙ୍କଳନ, ୭ଟି ଉପନ୍ୟାସ, ୩ଟି ଭ୍ରମଣ କାହାଣୀ, ୩ଟି ପ୍ରବନ୍ଧ ପୁସ୍ତକ। ରବୀନ୍ଦ୍ରନାଥଙ୍କ ୧୦୭ଟି ଚିଠିର ଅନୁବାଦ ସାଙ୍ଗକୁ ଆର୍.କେ. ନାରାୟଣଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ସ୍ୱାମୀ ଏଣ୍ଡ୍ ଫ୍ରେଣ୍ଡ୍‌ସ'ର ଅନୁବାଦ ଓଡ଼ିଆ ଅନୁବାଦ ଜଗତରେ ତାଙ୍କୁ ଯଶସ୍ୱୀ କରିଛି। ଏଥରର 'ସ୍ମରଣୀୟ'ରେ ଭୂପେନ୍‌ଙ୍କର ଏକ ବହୁପଠିତ ଗଳ୍ପ 'କଳାପାହାଡ଼'...**

# କଳାପାହାଡ଼

ଭୂପେନ୍ ମହାପାତ୍ର

ନନ୍ଦନନ୍ଦନ ବାବୁଙ୍କୁ ସମସ୍ତେ ନନ୍ଦବାବୁ ବୋଲି ଡାକନ୍ତି। ସେଇ ନାଁରେ ସେ ପରିଚିତ।

ତାଙ୍କର ଅବଶ୍ୟ ଆଉ ଗୋଟିଏ ନାଁ ଥିଲା, କିନ୍ତୁ ନନ୍ଦବାବୁ ଏଇ ସହରକୁ ଆସିଲା ପରେ ସେ ତାଙ୍କ ପକେଟ୍‌ରୁ ତାଙ୍କ ପଦ୍ମଚରଣ ପଟ୍ଟନାୟକ ଲେଖାଥିବା ଭିଜିଟିଂ କାର୍ଡଟି ବାହାର କରି ସିଗାରେଟ୍ ଲାଇଟର୍‌ରେ ନିଆଁ ଲଗେଇଲେ ଏବଂ ତା'ପରେ ସୁଟ୍‌କେଶରୁ ନନ୍ଦନନ୍ଦନ ନାୟକ ଲେଖାଥିବା କାର୍ଡଟି ବାହାର କରି ପକେଟ୍‌ରେ ରଖିଲେ।

ପଦ୍ମଚରଣ ନାଁଟା ସେଇଦିନୁ ସମୁଦ୍ରର ଅତଳ ଗହ୍ୱରରେ ଲୁଚିଗଲା।

ସତେ ଅବା ତାଙ୍କର ନବକଳେବର ହେଲା।

ନାଁ ପରିବର୍ତ୍ତନ ପାଇଁ ସେ କୋର୍ଟକୁ ଯାଇଥିଲେ। ସେଠି ସେ ଯେତେବେଳେ ଯାଇ ଓକିଲ ସହ ପରାମର୍ଶ କଲେ, ସେ ଗୋଟିଏ କଥା କହିଲେ। ମୋ' ବାପା ମିଛ କଥା କହି ନାୟକରୁ ପଟ୍ଟନାୟକ କରିଥିଲେ। କରଣ ଘରୁ ବାହାହେବା ପାଇଁ, ସେ ମିଛକୁ ହଜମ କରିବାକୁ ମୋର ଦମ୍ କାହିଁ? ମୁଁ ମୋ' ନିଜ ସ୍ୱାଭିମାନ ଛାଡ଼ିପାରିବି ନାହିଁ।

କୋର୍ଟରେ ଆପଣ ଏହି କଥା କହିବେ। ଓକିଲ ପଚାରିଲେ।

କୋର୍ଟ କଥା ଆପଣ ଚିନ୍ତା କରନ୍ତୁ ନାହିଁ। ସେଠି ମୁଁ ଗୀତା ଛୁଇଁ ଯାହା କହିବି ତାହା ସତ୍ୟ ବୋଲି ଧରାଯିବ। ତା' ଛଡ଼ା ସେଠି ଯେପରି ଦ୍ୱିତୀୟ ପ୍ରଶ୍ନ ନ ଆସେ, ତା'ର ସୁବନ୍ଦୋବସ୍ତ ମୁଁ କରିସାରିଛି। ଆପଣ ଖାଲି ଠିଆ ହେଲେ ହେଲା।

ଓକିଲ ସତ୍ୟଜିତ୍ ଆଜକୁ ୪୦ ବର୍ଷ ହେଲା ଓକିଲାତି କରୁଛନ୍ତି। ଏତେ ରୋକ୍‌ଠୋକ୍ କଥା ସେ କାହାଠୁ ଶୁଣି ନ ଥିଲେ। ସେ ଭାବିଲେ, ସାରା ସହରରେ ଜଣେ ନାମଜାଦା ଓକିଲ ହିସାବରେ ତାଙ୍କ ନାଁ ଅଛି। ପାଞ୍ଚବର୍ଷ ତଳେ ଏବର ମୁଖ୍ୟମନ୍ତ୍ରୀ ଯେତେବେଳେ ଦୁର୍ନୀତି କେଶ୍‌ରେ ପଡ଼ିଥିଲେ, ସେତେବେଳେ ସେ ମଧ୍ୟ ତାଙ୍କୁ ପଚାରିଥିଲେ, 'ଜଜ୍ ଯେତେବେଳେ ପଚାରିବେ ଆପଣ ସତରେ କ'ଣ ଟଙ୍କା ନେଇନାହାନ୍ତି? ସେତେବେଳେ ମୋର କ'ଣ କହିବା ଉଚିତ ହେବ?' ଅଥଚ ଆଜି ଏହି ଅନାମଧେୟ ଯୁବକ, ଯେ କି ଏଇ ମାତ୍ର ୭ଦିନ ତଳେ ଏ ସହରକୁ ଆସିଚନ୍ତି, ସେ ତାଙ୍କୁ କହୁଚନ୍ତି, ଦ୍ୱିତୀୟ ପ୍ରଶ୍ନ ନ ଆସିବା ପାଇଁ ସେ ବନ୍ଦୋବସ୍ତ କରି ସାରିଚନ୍ତି। ଆଶ୍ଚର୍ଯ୍ୟ! ସେ ହାଁ କରି ତାଙ୍କ ମୁହଁକୁ କିଛି ସମୟ ଅନାଇ ରହିଲେ ଏବଂ ତା'ପରେ ପଚାରିଲେ, ଠିକ୍ ଅଛି, ଆପଣଙ୍କ ବୟସ କେତେ?

୨୩ ବର୍ଷ ୩ ମାସ ୪ ଦିନ।

ଏଥର ସତ୍ୟଜିତ୍‌ଙ୍କ ପାଟି ଖନି ମାରିଗଲା। ସେ ଭାବିଲେ ଖାଣ୍ଟି ସତକଥା ମଧ୍ୟ କାହାରି ମୁହଁରୁ ଏତେ ଶୀଘ୍ର ଏତେ ସ୍ପଷ୍ଟ ଓ ସାଧାରଣ ଭାବରେ ବାହାରିଥିବା କଥା ସେ ଜାଣିନାହାନ୍ତି। ଦୁର୍ଦ୍ଦାନ୍ତ ଓ ପ୍ରଫେସନାଲ ଅପରାଧୀମାନେ ମଧ୍ୟ କଥାଟାକୁ ଜଜ୍ ସାମ୍ନାରେ ନୁହେଁ ଓକିଲ ସାମ୍ନାରେ ମଧ୍ୟ ହଠାତ୍ କହିପାରନ୍ତି ନାହିଁ। ଟିକିଏ ଚିନ୍ତା କରନ୍ତି, କ'ଣ କହିଲେ କଥାଟା ସତ ଭଳିଆ ଜଣାପଡ଼ିବ, ତା'ପରେ ଥଙ୍ଗେଇ ଥଙ୍ଗେଇ ଏମିତି ଭାବରେ କହନ୍ତି, ଯେଉଁଥିରେ ସତ୍ୟଜିତ୍ ବାବୁଙ୍କ ମନରେ ସନ୍ଦେହ ହୁଏ। ସେ ପୁଣି ପଚାରନ୍ତି, ଓକିଲଙ୍କ ଆଗରେ ସବୁ କଥା ସତ କହିବାକୁ ହୁଏ। ଆପଣଙ୍କ ଅପରାଧ ବିଷୟରେ ସବୁ ସତ ଟିକିନିଖି ଜାଣିଲେ ସିନା ସେଥିରୁ ମୁକ୍ତି ପାଇବାର ସୂକ୍ଷ୍ମ ଆଇନଗତ ଉପାୟ ମୁଁ ଆପଣଙ୍କୁ ବତାଇ ପାରିବି। ସେ ଏକଥା ମଧ୍ୟ କହନ୍ତି ବାସ୍ତବରେ ଆମେ ହେଲୁ ଆପଣଙ୍କ ତ୍ରାଣକର୍ତ୍ତା। ଜଜ୍ କିଛି ନୁହେଁ। ଆଇନରେ କୋଉଠି ଛିଦ୍ର ଅଛି, ସେକଥା ଆମଛଡ଼ା ଆଉ କେହି ଜାଣନ୍ତି ନାହିଁ।

ସତ୍ୟଜିତ୍‌ବାବୁ ଏଥର ନନ୍ଦବାବୁଙ୍କୁ ହସିହସି କହିଲେ, ଆପଣ ତା'ହେଲେ ଓକିଲଙ୍କ ଗୁରୁ। ମୋ' କାମଟାକୁ ଆପଣ ଆଗରୁ ଏତେ ସରଳ କରି ଦେଉଛନ୍ତିଯେ ମୋତେ ଏଥିରେ ବେଶୀ ପରିଶ୍ରମ କରିବାକୁ ପଡ଼ିବ ନାହିଁ। ତେବେ ରିସ୍କ୍ ପ୍ରଚୁର।

ରିସ୍କ ଆଉ କ'ଣ?

ଏତେ ବଡ଼ ମିଛଟାକୁ ସତ୍ୟରେ ପରିଣତ କରାଇବା କ'ଣ କମ୍ ରିସ୍କ? ତଥାପି ମୁଁ ମୋ' ଫି'ଟାକୁ ଅଧା କମ୍ କରିଦେବି, କେବଳ ଆପଣଙ୍କ ପାଇଁ।

କ'ଣ ପାଇଁ ଆଜ୍ଞା? ମୁଁ ତ ଆପଣଙ୍କ ନର୍ମାଲ ଫି' ଅପେକ୍ଷା ବେଶୀ ଦେବାକୁ ପ୍ରସ୍ତୁତ ଅଛି।

ନା, ନେବି ନାହିଁ। ବୟସ ଅଧାରୁ କମ୍ ଥିଲେ ମଧ୍ୟ ତୁମକୁ ମୁଁ ଗୁରୁ ବୋଲି ମାନିସାରିଛି। କେବଳ ବିଧି ରକ୍ଷା ପାଇଁ ସାମାନ୍ୟ କିଛି ନେବି।

କିନ୍ତୁ କୁହାଯାଏ ମାଗଣାରେ ଡାକ୍ତରଙ୍କଠାରେ ଚିକିତ୍ସା କରାଇଲେ କୁଆଡ଼େ ରୋଗ ଭଲ ହୁଏ ନାହିଁ।

ଦୁହେଁ ହସି ଉଠିଲେ, ଗୋଟାଏ ହୃଦୟଖୋଲା ହସ।

ଓକିଲଙ୍କ ଚେମ୍ବରରୁ ବାହାରି କାର୍ ପାଖକୁ ଆସିଲାବେଳେ ବାଟରେ ପତ୍ନୀ ସୁଧନ୍ୟା ପଚାରିଲେ, ତୁମ ନାଁ ତେବେ ପ୍ରକୃତରେ କ'ଣ? ମୋତେ ଅନ୍ତତଃ ସତ କଥାଟା କୁହ।

ନନ୍ଦବାବୁ ଏଇମାତ୍ର ସାତଦିନ ତଳେ ସୁଧନ୍ୟାଙ୍କୁ ଗୋଟାଏ କମ୍ପାନୀ ଅଫିସରୁ ଉଠାଇଆଣି ମନ୍ଦିରରେ ବଡ଼ ଜାକଜମକରେ ବିବାହ କରିଛନ୍ତି। ସୁଧନ୍ୟାଙ୍କ ସହିତ ତାଙ୍କର ସମ୍ପର୍କ ମାତ୍ର ଦୁଇମାସର। ସେ ସମ୍ପର୍କ ଭିତରେ ଥରେ ବୋଲି ସୁଧନ୍ୟା ନନ୍ଦବାବୁଙ୍କୁ ତାଙ୍କ ବାପାମାଆ ତ ଦୂରର କଥା, ତାଙ୍କ ନିଜ କଥା ମଧ୍ୟ କେବେ ପଚାରି ନାହାନ୍ତି। ଠିକ୍ ସେମିତି ନନ୍ଦବାବୁ ମଧ୍ୟ ସୁଧନ୍ୟାଙ୍କ ତାଙ୍କ ସର୍‌ନେମ୍ ପଚାରି ନାହାନ୍ତି। ମୋବାଇଲ୍‌ରୁ ପରିଚୟ। ତା'ପରେ ଘନିଷ୍ଠତା। ପ୍ରେମ ଆଗରେ ଦୁଇଟି ମଣିଷ ହିଁ ଯଥେଷ୍ଟ। ଚାରିଟି ଆଖି ଆଜିକାଲି ଆବଶ୍ୟକ ହେଉ ନାହିଁ। କେହି କାହାକୁ ନ ଦେଖି ମଧ୍ୟ ପରସ୍ପର ଆଡ଼କୁ ଢଳିବା ଏ ଯୁଗର ମୋବାଇଲ୍‌ର ଗୋଟାଏ ଶ୍ରେଷ୍ଠ ଦାନ।

ପ୍ରଥମ ମିସ୍‌କଲ୍‌କୁ 'କିସ୍‌କଲ୍'ରେ ପରିଣତ କରିଥିଲେ ନନ୍ଦ ଓ ସୁଧନ୍ୟା। ଗୋଟାଏ ବିଶ୍ୱ ରେକର୍ଡ ବୋଲି କହିବା ପରେ ସେମାନେ ହିଁ ସ୍ଥିର କରିଥିଲେ ମୋବାଇଲ୍‌ର ଏଇ 'ଅଜ୍ଞାତ ସତ୍ୟ'କୁ 'ଜ୍ଞାତ ସତ୍ୟ'ରେ ପରିଣତ କରିବାକୁ।

ଦୁହେଁ ରାଜି ହୋଇ ମନ୍ଦିରରେ ପୂଜକ ଆଗରେ ମନ୍ତ୍ର ଉଚ୍ଚାରଣ କରି ପତିପତ୍ନୀ ରୂପରେ ଶପଥ ନେଇସାରିଲା ପରେ ସେମାନେ ଜାଣିଥିଲେ ଯେ ସୁଧନ୍ୟା ନନ୍ଦଙ୍କଠାରୁ ଆଠବର୍ଷ ବଡ଼।

ସେଥିରେ କ'ଣ ଅଛି? କହିଲେ ସୁଧନ୍ୟା। ମୁଁ ଏ ଜୀବ ଥିବାଯାଏ ମୋ' ସତ୍ୟରୁ ତିଳେମାତ୍ର ଘୁଞ୍ଚିବି ନାହିଁ। ତୁମେ ହିଁ ମୋର ସ୍ୱର୍ଗ ଓ ତୁମେ ହିଁ ପୃଥିବୀ। ତୁମେ ହିଁ ମୋର ସୂର୍ଯ୍ୟ ଓ ତୁମେ ହିଁ ଆକାଶ।

ବେଶ୍ ତାହାହିଁ ହେଉ, କହିଲେ ନନ୍ଦ ସୁଧନ୍ୟାଙ୍କୁ ନିଜ ଛାତି ଉପରକୁ ଆଉଜେଇ ନେଇ। ସେ ସ୍ୱର୍ଗର ଆକାଶରେ ତୁମେ ହିଁ ମୋର ଏକମାତ୍ର 'ଚନ୍ଦ୍ର'। ମୁଁ ତାକୁ ଇ ଦେଖି ବାଟ ଚାଲୁଥିବି ଚିରକାଳ।

ମାତ୍ର ସାତଦିନ ପରେ ସୁଧନ୍ୟା ଯେତେବେଳେ ଜାଣିଲେ ନନ୍ଦଙ୍କର ଗୋଟାଏ ଭିନ୍ନ ନାଁ ଥିଲା, ସେ ଆଶ୍ଚର୍ଯ୍ୟ ହେଲେ। ତୁମେ ତ ଏ କଥା ମୋତେ କହିନ। ସେମାନେ ଗାଡ଼ିରେ ବସିଲେ।

ଏସବୁ କଥା ହେବାକୁ ସୁଯୋଗ କୋଉଠି ଥିଲା କୁହ? କେମିତି ଗୋଟାଏ ବେଳାଭୂମିର ଅଜଣା ଢେଉଟିଏ ପରି ସମ୍ପର୍କ ମାଡ଼ି ଆସିଲା ଏବଂ ତାକୁ ଆମେ ଆପଣେଇ ନେଲୁ ବିନା ବାକ୍ୟବ୍ୟୟରେ। ନା ତୁମେ ମୋତେ ପ୍ରଶ୍ନଟିଏ ପଚାରିଥିଲ, ନା ମୁଁ ତୁମକୁ। ସବୁ ଯେମିତି ପୂର୍ବ ନିର୍ଦ୍ଧାରିତ, ବିଧି ପ୍ରବର୍ତ୍ତିତ। ସମ୍ପର୍କଟା ବନ୍ୟା ପରି ମାଡ଼ିଆସିଲା।

ନନ୍ଦ କହିଲେ ସତ କଥାଟା ତ ତମେ ଶୁଣିଲ। ଓକିଲଙ୍କୁ ଯାହାସବୁ କହିଲି ତୁମ ସାମ୍ନାରେ, ତାହା ହିଁ ହେବ ଆଜିଠାରୁ ସତ୍ୟ। ତାକୁ ଆଉ ବଦଳାଯିବ ନାହିଁ। ତୁମେ ତାକୁ ଇ ମନେରଖ। ତୁମେ ତାକୁ ଭୁଲ୍‌ରେ ମଧ୍ୟ ଓଲଟପାଲଟ କରିବ ନାହିଁ।

ସୁଧନ୍ୟାଙ୍କ ଆଖି ବିସ୍ଫାରିତ ହେଇଗଲା। ସେ ଭାବିଲେ, ମୁଁ ଯାହାକୁ ମନ୍ଦିରରେ ଦେବତାଙ୍କୁ ସାକ୍ଷୀ ରଖି ପତି ରୂପେ ଗ୍ରହଣ କଲି ଏବଂ ଆଉ ଜଣେ ଦେବତା ଭାବରେ ନିଜ ମନ-ମନ୍ଦିରରେ ସ୍ଥାପନା କଲି, ସେଥିରେ ଆଉ କିଛି ଖାଦ ରହିଯାଇ ନାହିଁ ତ? ସମୟ ଯେତିକି ଗଡ଼ିଚି ସେ ଦେବତାଙ୍କ ଦେହରୁ ନୂଆ ନୂଆ ଅବତାର ସବୁ ବାହାରୁଚି।

ତେବେ ଏମିତି ହଠାତ୍ ନାଁ ବଦଳେଇବାର କାରଣ? ସେ ପଚାରିଲେ ନନ୍ଦଙ୍କୁ। ଯାହା ଥିଲା ସେଥିରେ ଅସୁବିଧା କ'ଣ ଥିଲା?

ଅସୁବିଧା ଅବଶ୍ୟ ସେମିତି କିଛି ନ ଥିଲା। ତେବେ ଗୋଟାଏ କେରିୟର ବିଲ୍ଡିଂ ପାଇଁ ଅସୁବିଧା ଥିଲା। ଯଦି ମୋତେ ଗତାନୁଗତିକ ଭାବେ ଆଗକୁ ବଢ଼ିବାର ଥାଆନ୍ତା, ଗୋଟାଏ ଅତି ସାଧାରଣ ମଣିଷ ଭାବେ ବଞ୍ଚିବାର ଥାଆନ୍ତା, ଗୋଟାଏ ବି.ପି.ଏଲ୍. କାର୍ଡଧାରୀ କିମ୍ବା ଧର ଗୋଟେ ଅଫିସ କିରାଣି କିମ୍ବା ପ୍ରାଇମେରୀ ସ୍କୁଲ ଟିଚରଟିଏ ପରି ବଞ୍ଚିବାର ଥାଆନ୍ତା, ତେବେ ସେ ନାଁରେ କିଛି ଅସୁବିଧା ନ ଥିଲା।

ତୁମେ କ'ଣ କହୁଚ? ସୁଧନ୍ୟା ଯେମିତି କୌଣସି ଏକ ରହସ୍ୟ ରୋମାଞ୍ଚ ଉପନ୍ୟାସର କଥାବସ୍ତୁର ଶୀର୍ଷ ଆଡ଼କୁ ଆଗେଇ ଚାଲିଥିଲେ।

ତୁମେ ବିଶ୍ୱାସ କର। ତୁମକୁ ପାଇବା ପୂର୍ବରୁ ମୋ' ଭିତରେ ସେମିତି କିଛି ସ୍ୱପ୍ନ ନ ଥିଲା। 'ଏମ୍ବିସନ' କହିଲେ, ଦେଖିବା ଖୁବ୍ ବେଶୀରେ ଗୋଟାଏ କୋଉ ପ୍ରାଇଭେଟ୍ କଲେଜରେ ଅଧ୍ୟାପକ କିମ୍ବା ରାଜନୀତିରେ ପଶି ସରପଞ୍ଚଟିଏ ହେବାକୁ ମୋର ଇଚ୍ଛା ଥିଲା। କିନ୍ତୁ ତୁମକୁ ପାଇବା ପରେ ମୋ' ସ୍ୱପ୍ନର ଆକାର ଆକାଶଯାଏ ଲମ୍ବିଗଲା। ଏସବୁ ଈଶ୍ୱରଙ୍କ ଆଶୀର୍ବାଦ ନୁହେଁ?

ମୁଁ ବି... କଥା ଯୋଡ଼ିଲେ ସୁଧନ୍ୟା।

ମୁଁ ତ ସେଇକଥା କହୁଚି। ତୁମେ ଯେମିତି ହଠାତ୍ ଆସିଲ, ମୋର ଗୋଲାପୀ ସ୍ୱପ୍ନ ମଧ୍ୟ ସେମିତି ଆସିଲା। ଅଧ୍ୟାପକ ଓ ସରପଞ୍ଚମାନେ ଯାଇ କିଏ କୋଉଠି ଲୁଚିଲେଣି। ତୁମେ ବିଶ୍ୱାସ କର ସୁଧନ୍ୟା, ପିଲାଦିନେ କେହି ଜଣେ ସାଧୁସନ୍ନ୍ୟାସୀ ମୋ' ହାତ ଦେଖି ମୋ' ମାଆକୁ କୁଆଡ଼େ କହିଥିଲେଯେ ତୁମ ପୁଅ ଭାଗ୍ୟରେ ହଠାତ୍ ଧନ ଓ ଯଶପ୍ରାପ୍ତିର ଉଜ୍ଜ୍ୱଳ ରେଖା ଦେଖାଯାଉଛି। ସେ ହଠାତ୍ ବଡ଼ଲୋକ ହୋଇଯିବ। ଲଟେରି କିମ୍ବା ପୋତାଧନ ମଧ୍ୟ ପାଇପାରେ।

> **ଜଣେ ମନ୍ତବ୍ୟ ଦେଲେ ଟିକେଟ୍ ପାଇବାରେ କ'ଣ ଅସୁବିଧା ଅଛି? ଜଣେ ଭାରତର ଯେକୌଣସି ଜାଗାରୁ ଲଢ଼ିପାରିବ। ଭଡ଼ାଘର ଆଗରେ ନେମ୍‌ପ୍ଲେଟ୍‌ଟିଏ ଥିଲେ ହେଲା। କିନ୍ତୁ ଲୋକଙ୍କ କଥାରେ ଗଣତନ୍ତ୍ର ଚାଲେ ନାହିଁ। ଗଣତନ୍ତ୍ର ଚାଲେ ତା' ନିଜସ୍ୱ ଆଇନ ଓ ନୀତି ନିୟମ ବଳରେ। ଲୋକେ ତାକୁ ଇ ଅନୁସରଣ କରିବେ।**

କଥା। ଯେତିକି ଆଗଉଥିଲା, ସୁଧନ୍ୟା ସେତିକି ଉପନ୍ୟାସର ରୋମାଞ୍ଚକର ଦୃଶ୍ୟ ଆଡ଼କୁ ଟାଣି ହୋଇ ଯାଉଥିଲେ। ସେ ଭାବୁଥିଲେ ତାଙ୍କ ସ୍ୱାମୀ ଜଣକ ଠକ ନୁହନ୍ତି ତ? ଏଇଟା ତାଙ୍କ ବିଶ୍ୱରୂପ?

କାର୍ ସେତେବେଳକୁ ଗୋଟାଏ ନାମକରା ହୋଟେଲ୍ ସାମ୍ନାରେ ପହଞ୍ଚି ସାରିଥିଲା। ଗାଡ଼ି ପାର୍କ କରି ସେ କହିଲେ, ଆସ ଲଞ୍ଚଟା ଆଗେ ଏଇଠି ସାରିଦେବା। ତା'ପରେ ବାକି କଥା।

କିନ୍ତୁ ତୁମେ ଅସଲ କଥା କହିନ ଯେ?

ଆମେ ସେଇ ଅସଲ କଥା ଆଡ଼କୁ ଆଗେଇ ଚାଲିଚେ। ଆଜି ହିଁ ତୁମକୁ ସବୁ କଥା କହିବି। ଆଉ କାହାକୁ କହନ୍ତି ଯେ? ସେ ସୁଧନ୍ୟାଙ୍କ ହାତକୁ ନିଜ ହାତରେ ଛନ୍ଦି ଆଗେଇ ଗଲେ।

ଗୋଟାଏ ଦୁଇଜଣିଆ ଟେବୁଲ ଦଖଲ କରି ସେ ମେନୁ ଚାର୍ଟଟି ନେଇ ସୁଧନ୍ୟାଙ୍କୁ ଦେଖେଇଲେ ଏବଂ କହିଲେ, 'ତୁମେ କୁହ'।

ସୁଧନ୍ୟା ଟିକ୍ ମାରିଦେଲେ, ବୟ ଚାଲିଗଲା।

ମୋ' ମାଆଙ୍କ କହିବା ଅନୁସାରେ ସାଧୁଙ୍କ ଭବିଷ୍ୟବାଣୀରେ ଦୁଇଟି କଥା ଥିଲା। ଗୋଟାଏ ହେଲା ଧନ ପ୍ରାପ୍ତି ଓ ଅନ୍ୟଟି ହେଲା ସୁଖ ପ୍ରାପ୍ତି। ମୋତେ ଏବେ ଦ୍ୱିତୀୟଟି ମିଳିସାରିଛି। ଏ ସବୁ ହଠାତ୍ ହିଁ ମିଳିଥାଏ। ତୁମଠୁ ଅଧିକ ସୁଖ ମୁଁ କୋଉଠି ପାଇଥାଆନ୍ତି?

ସୁଧନ୍ୟାଙ୍କ ଆଖି ଛଳଛଳ ହୋଇ ଆସୁଥିଲା। କୋଉ ନାରୀ ଏପରି ପ୍ରଶଂସାବାଣୀ ଶୁଣିଲେ ତରଳି ନ ଯିବ? ସେ ଯେ ଏଯାଏ ଭାବୁଥିଲେ ତାଙ୍କ ସ୍ୱାମୀଟି ହୁଏତ ପୂରାପୂରି ଗୋଟାଏ ଫ୍ରଡ୍ କି ସେମିତି କିଛି ହୋଇଥିବ। ଗୋଟାଏ ବଡ଼ ଭୁଲ୍ ହେଇଗଲା ବୋଧେ, ଏମିତି ତରବରିଆ ଭାବେ ନିଷ୍ପତ୍ତି ନେବା ଉଚିତ ନ ଥିଲା।

ଏବେ ତାଙ୍କ ମନ ବଦଳି ଆସୁଚି। ସେ ପୁଣି ସ୍ୱାମୀଙ୍କ ଆଡ଼କୁ ଢଳି ଆସୁଛନ୍ତି। ନାରୀଟି ସବୁବେଳେ ଚାହେଁ ପୁରୁଷଟି ତା'ର ସ୍ତୁତିଗାନ କରୁଥାଉ।

ବୟ ଆସି ଟେବୁଲ୍ ଉପରେ ପ୍ଲେଟ୍ ସବୁ ସଜାଡ଼ି ରଖିଦେଲା ଏବଂ କେବିନ୍‌ର ପରଦା ଟାଣିଦେଇ ଚାଲିଗଲା।

ତୁମେ ନାଁ ବଦଳ କରିବା କଥାଟା ଏଯାଏଁ କହିନ।

ନିଶ୍ଚୟ କହିବି। ସସ୍‌ପେନ୍‌ସଟା ଯେତେବେଳେ ସେଇଠି ଅଟକିଛି ତୁମେ ଛାଡ଼ିବ ନାହିଁ ମୁଁ ଜାଣେ, ନନ୍ଦବାବୁ ଭଜା ଚିଙ୍ଗୁଡ଼ି ଖଣ୍ଡେ ସୁଧନ୍ୟାଙ୍କ ପାଟିରେ ଗୁଞ୍ଜିଦେଇ କହିଲେ।

ନାଁ ବଦଳ କଲେ ସିନା ମୋ' ଭାଗ୍ୟର ଦ୍ୱିତୀୟ ପୃଷ୍ଠାଟା ଫିଟିବ। ରହସ୍ୟଟା ସେଇଠି ଅଟକି ଯାଇଚି।

ତୁମ ବାପା ତେବେ ନାୟକ ନା ପଟ୍ଟନାୟକ?

ସେକଥା ମୁଁ ବି ଠିକ୍ ଭାବେ ଜାଣିନି। ତା'ର ଆବଶ୍ୟକତା ଅଛି ବୋଲି ମୁଁ ଭାବିନି। ମଣିଷ ତ ଗୋଟିଏ। ତାକୁ ଆଉ ଭାଗ ଭାଗ କାହିଁକି କରିବା? ମୁଁ ଏବେ ଦେଖୁଚି 'ନାୟକ' ହେବା ଭଲ। ସରକାର ମାନ୍ୟତା ଦେଉଚି। ମୋତେ 'ପଟ୍ଟନାୟକ'ରୁ କ'ଣ ମିଳିବ?

ସେତେବେଳକୁ ସେମାନଙ୍କ ଖିଆପିଆ ସରିଥିଲା। ସେମାନେ ହୋଟେଲ୍ ଛାଡ଼ିଲେ।

x x x x x

ନନ୍ଦବାବୁ ସେଥର ନିର୍ବାଚନରେ ଠିଆ ହେଉଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଇଗଲେ।

କିଏ ସେ ଲୋକ? ସମସ୍ତଙ୍କ ମୁହଁରେ ସେଇ ଗୋଟିଏ ପ୍ରଶ୍ନ। ସେ ତ ଏଇମାତ୍ର କେଇଟା ମାସ ହେଲା ଏଠି ଆସି ରହୁଚନ୍ତି। ରହି ନାହାନ୍ତି, ଘରଟିଏ ଭଡ଼ା ନେଇ ନେମ୍‌ପ୍ଲେଟ୍‌ଟିଏ ଝୁଲେଇଚନ୍ତି। ଅର୍ଦ୍ଧେକ ଦିନ ଭୁବନେଶ୍ୱରରେ, ମୁମ୍ବାଇ କି ଦିଲ୍ଲୀରେ ଥାଆନ୍ତି। ଅଥଚ ସେ ଏଠି କେମିତି ଭୋଟ ଲଢ଼ିବାକୁ ଟିକେଟ୍ ପାଇଲେ? ପୁଣି ଆସେମ୍ବ୍ଲି ପାଇଁ!

ଜଣେ ମନ୍ତବ୍ୟ ଦେଲେ ଟିକେଟ୍ ପାଇବାରେ କ'ଣ ଅସୁବିଧା ଅଛି? ଜଣେ ଭାରତର ଯେକୌଣସି ଜାଗାରୁ ଲଢ଼ିପାରିବ। ଭଡ଼ାଘର ଆଗରେ ନେମ୍‌ପ୍ଲେଟ୍‌ଟିଏ ଥିଲେ ହେଲା।

କିନ୍ତୁ ଲୋକଙ୍କ କଥାରେ ଗଣତନ୍ତ୍ର ଚାଲେ ନାହିଁ। ଗଣତନ୍ତ୍ର ଚାଲେ ତା' ନିଜସ୍ୱ ଆଇନ ଓ ନୀତି ନିୟମ ବଳରେ। ଲୋକେ ତାକୁ ଇ ଅନୁସରଣ କରିବେ।

ନନ୍ଦବାବୁଙ୍କ ନିର୍ବାଚନ ପାଖେଇ ଆସିବାରୁ ଦିନେ ତାଙ୍କ ସ୍ତ୍ରୀ କହିଲେ, ମୋତେ ଅନୁମତି ମିଳିଲେ ମୁଁ ମଧ୍ୟ ଅଭିନେତ୍ରୀମାନଙ୍କ ସହିତ ଯାଇ ତୁମ ପାଇଁ ପ୍ରଚାର କରନ୍ତି।

ନନ୍ଦବାବୁ ସେଥିରେ ରାଜି ହେଲେ ନାହିଁ। ସେ କହିଲେ ଦୁଇଟା କଥା। ପ୍ରଥମଟି ହେଲା, ମୁଁ ତୁମକୁ ଅଭିନେତ୍ରୀର ଆସନରୁ ଓହ୍ଲେଇ ଯିବାକୁ ଦେବି ନାହିଁ। ତୁମେ ସେଠାକୁ ଯାଇ ଗୋଟାଏ ଖୋଲା ମୈଦାନରେ ଅନ୍ୟ ଅଭିନେତାଙ୍କ ସହ ହେଁହେଁ ଫେଁଫେଁ ହେଲେ ତୁମ ମର୍ଯ୍ୟାଦା ବଢ଼ିବନି। ଦ୍ୱିତୀୟ କଥାଟା ହେଲା ମୋର ବିଜୟ ସୁନିଶ୍ଚିତ ଥିଲାବେଳେ ତୁମର ଆବଶ୍ୟକତା କ'ଣ? ମୁଁ ଜୋର୍ ଦେଇ କହୁଚି ମୁଁ ନିଶ୍ଚୟ ଜିତିବି।

କେଉଁ ଜୋର୍‌ରେ ଏକଥା କହୁଚ? ପଚାରିଲେ ସୁଧନ୍ୟା।

ଆରେ ଏଥିରେ ଆଉ ପଚାରିବାର କ'ଣ ଅଛି? ତୁମେ ତ ଜାଣ ଏଇଟା ସଂରକ୍ଷିତ ସ୍ଥାନ। ଆମ ଦଳର ମୁଁ ଏକମାତ୍ର ଯୋଗ୍ୟ ପ୍ରାର୍ଥୀ। ଏଥିରେ ଆଉ ଚିନ୍ତା କରିବାର କ'ଣ ଅଛି?

କିନ୍ତୁ ତୁମକୁ ବା କେତେଲୋକ ଏଠି ଜାଣନ୍ତି?

ସେଇଟା ହିଁ ମୋ' ପାଇଁ ବେଶୀ ସୁବିଧା। ଲୋକଙ୍କ ମତରେ ସମ୍ପୂର୍ଣ୍ଣ ଅଜଣା ଲୋକଟି ହିଁ ବେଶୀ Non controversial। ମୋଟେ ପାଟି ଖୋଲୁ ନ ଥିବା ବ୍ୟକ୍ତି ହିଁ ସବୁଠୁ ଭଲ ଓ ଯୋଗ୍ୟ ବ୍ୟକ୍ତି। ମୋ' ବିରୋଧରେ ପଦୁଟିଏ ବି କାହାର କହିବାର ନାହିଁ। ତୁମେ ଦେଖ ମୁଁ ସବୁଠାରୁ ବେଶୀ ଭୋଟ୍ ପାଇବି। ମୋବାଇଲ୍‌ରେ ମୋର ପ୍ରଚାର ଜୋର୍‌ସୋର୍‌ରେ ଚାଲିଚି। ମୋର ଘରୁ ବାହାରିବାର ପ୍ରଶ୍ନ ଉଠୁ ନାହିଁ। ଏତିକି ମନେରଖ, ନିର୍ବାଚନରେ ପ୍ରଚାରର ଲଢ଼େଇ ହୁଏ ନାହିଁ, ଲଢ଼େଇ ହୁଏ ଗୋଟି ଚାଳନାରେ। 'ଷ୍ଟ୍ରାଟେଜି'ର।

ଦୁହେଁ ହସି ଉଠିଲେ।

ନିର୍ବାଚନକୁ ମାତ୍ର ଦୁଇଦିନ ଅଛି, ହଠାତ୍ ସେଦିନ ବୈଦ୍ୟୁତିକ ଗଣମାଧ୍ୟମ ହିଁ ପ୍ରଥମେ ପ୍ରଚାର କଲା "ନନ୍ଦନନ୍ଦନ ନାଏକ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କଲେ।"

ସମସ୍ତେ ସ୍ତମ୍ଭୀଭୂତ। କାହିଁକି ଏପରି ହେଲା। ଗଣମାଧ୍ୟମ ସବୁ ସ୍ଥାନ କୋରି ବିଦାରି ପକାଇଲେ। କିନ୍ତୁ ସେ କାହିଁ? ନିଜ ହସ୍ତାକ୍ଷରରେ ସେ କେବଳ ଲେଖିଛନ୍ତି "ମୁଁ ନିର୍ବାଚନ ଲଢ଼ିବାକୁ ଚାହୁଁ ନାହିଁ।" ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଅଛି।

ମଧ୍ୟରାତିରେ ସୁଧନ୍ୟା ଯେତେବେଳେ କାରଣ ପଚାରିଲେ ସେ କହିଲେ, ଆଉ କ'ଣ ଦରକାର? ପାଞ୍ଚବର୍ଷରେ ଯାହା ପାଆନ୍ତି ତା'ର ପାଞ୍ଚଗୁଣ ପାଇ ସାରିଲିଣି। ମୋ' ଗୋଟିକୁ କିଏ ମାରିବ?

ସୁଧନ୍ୟା ତାଙ୍କୁ ନିଜ କୋଳକୁ ଆଉଜାଇ ନେଲେ।



## ଅସଜଡ଼ା ଘର... (୩ୟ ପୃଷ୍ଠାରୁ)

(୩ୟ ପୃଷ୍ଠାରୁ)

ମୁଁ ଦେଖିଲି ଟୁଲା ଭାଇ ବହୁତ ଇମୋସନାଲ ହୋଇଯାଉଛନ୍ତି। ଏ ସମୟରେ ମୋତେ ପ୍ରସଙ୍ଗ ବଦଳେଇବାକୁ ହେବ।

ମୁଁ କହିଲି, 'ଭାଇ ମୁଁ କ'ଣ କହୁଥିଲି କି?'

"କ'ଣ କହୁଛୁ? ତୋର ବୋଧେ ଏତେ ଧୈର୍ଯ୍ୟ ନାହିଁ ଶୁଣିବାକୁ।"

"କ'ଣ ପାଇଁ ଯିବି? କେଉଁ ମୁହଁ ନେଇ ଯିବି? ଆଜକୁ ତିରିଶ ବର୍ଷ ହେବ ଗାଁକୁ ଯାଇ ନାହିଁ। ବାପା ମା' ପାଳିପୋଷି ମଣିଷ କରିଥିଲେ କେବଳ ମାସିକିଆ କେଇଟା ଟଙ୍କା ଦେଇ ମୁଁ ମୋ' କର୍ତ୍ତବ୍ୟ କରୁଛି ବୋଲି ନିଜ ମନକୁ ବୁଝେଇ ଚାଲିଥିଲି।"

"ତମେ ସେମିତି କାହିଁକି ଭାବୁଛ?"

"ନା, ଯେଉଁଦିନ ମୋ' ସ୍ତ୍ରୀ ସେମାନଙ୍କୁ ମୋ' ପାଖରୁ ଅଲଗା କରି ଗାଁକୁ ପଠେଇ ଦେଲା ଏବଂ ମୁଁ ପୁଅ ହେଇ କିଛି କରିପାରିଲି ନାହିଁ, ସେଇ ଦିନଠାରୁ ମୋର ସବୁ ଆଶା ମଉଳିଯାଇଛି। ପୁଅପଣିଆ ଦେଖେଇ ହେବାରେ ମୋର ଚ୍ଚୁ' ନ ଥିଲା। ଦର୍ପଣ ତୁଟିଲା ପରି ସୁଖୀ ପରିବାର ଗଢ଼ିବାର ସ୍ୱପ୍ନ ମୋର ସେଇଦିନଠାରୁ ଟୁକୁଡ଼ା ଟୁକୁଡ଼ା ହେଇ ଭାଙ୍ଗି ଯାଇଥିଲା।"

'ଶୁଣ...'

"ଆରେ ମୋତେ କହିବାକୁ ଦେ'। ସରକାରୀ ଚାକିରିର ଭୟ, ମହିଳା କମିଶନ, ସାମାଜିକ ପ୍ରତିଷ୍ଠାର ସୁରକ୍ଷା, ଆଇନ କାନୁନ୍‌ର ନାଲିଆଖି ଏ ସବୁ ସୃଷ୍ଟି ହୋଇଛି ପୁରୁଷପଣିଆକୁ ମାଟିରେ ମିଶେଇ ଦେବାକୁ? ନୁହେଁ ତ ଆଉ କ'ଣ?"

ଟୁଲା ଭାଇଙ୍କ ଆଖି କୋ'ଣକୁ ଲୁହ ଚାଲି ଆସୁଥିଲା।

ଶୁଣ ଭାଇ। ଆମ ଓଡ଼ିଆରେ ଗୋଟାଏ କଥା ଅଛି- ମଇଳାକୁ ପିଟିଲେ ମୁହଁରେ ପଡ଼ିବ।

"ତା' ମାନେ? ତୁ କହିବାକୁ ଚାହୁଁଛୁ ମୁଁ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରିଯିବି? ଆରେ ସେତିକି କରିପାରିବି ନାହିଁ ବୋଲି ତ ମୁଁ ଆସି ଏଇ ଅବସ୍ଥାରେ ପହଞ୍ଚିଛି।"

"ହେଲେ ବି ସେମାନେ ଯଦି ଆପଣଙ୍କ ନିକଟରେ ଆତ୍ମସମର୍ପଣ କରିଯିବେ?"

"ତୋ' ମୁଣ୍ଡ ଖରାପ ହେଲାଣି। ନୋହିଲେ ତୁ ଏକଥା କହି ନ ଥାନ୍ତୁ।"

"ନା ଭାଇ, ଆପଣ ନ ଚାହିଁଲେ ଆପଣଙ୍କ ତିନି ତିନୋଟି ଝିଅ ବିବାହ କରିବେ କେମିତି?"

"କ'ଣ କହିଲୁ? ବିବାହ କରିବେ? ସେମାନେ ଆଜି ପର୍ଯ୍ୟନ୍ତ ବିବାହ ନ କରିଛନ୍ତି କାହିଁକି? ମୋର ଠିକ୍ ମନେପଡ଼ୁଛି, ସେମାନଙ୍କ ବଏଫ୍ରେଣ୍ଡ୍‌ଙ୍କ ସଙ୍ଗେ ଘରୁ ବାହାରି ଗଲାବେଳେ କୁହନ୍ତି- "ଡୋଣ୍ଟ ମାଇଣ୍ଡ୍। ଦ୍ୟାଟ ଓଲ୍ଡମ୍ୟାନ୍ ଇଜ୍ ଭେରି କଞ୍ଜରଭେଟିଭ। ହୁ କେୟାରସ୍?"

ଯଦି ପ୍ରକୃତରେ ସେମାନେ ଏଭଳି କଟୁ ମନ୍ତବ୍ୟ କେବେ ଦେଇଥିବେ, ତେବେ ତ ବହୁତ ସିରିଏସ କେଶ୍। ମୁଁ ମନେମନେ ନିଜକୁ ପ୍ରଶ୍ନ କରିଥିଲି। କ'ଣ ପାଇଁ ଭାଉଜଙ୍କୁ କଥା ଦେଇ ଆସିଥିଲି, ଭାଇଙ୍କୁ ତୁମମାନଙ୍କ ପାଖକୁ ମୁଁ ନିଶ୍ଚୟ ଫେରେଇ ଆଣିବି?

ଭାଇ ଠିକ୍ କିମ୍ବା ଭାଉଜ ଏବଂ ତାଙ୍କ ପିଲାମାନେ ଠିକ୍ ଏଇ ସବୁ ଉପରେ ତର୍ଜମା କରି ବସିଲେ ଝିଅଗୁଡ଼ାକ ବିଭା ନ ହୋଇ ରହିଯିବେ। ଏମାନେ ତ ଆଉ ଆମର ବାପା ନାହାନ୍ତି କହି ଖସିଯାଇପାରିବେ ନାହିଁ? ହଉ ଦେଖିବା...

ଦେଖନ୍ତୁ ଭାଇ, ଭାଉଜ ଏବଂ ପିଲାମାନେ ଆପଣଙ୍କୁ ଦେଖା କରିବାକୁ ଆସିଛନ୍ତି। ସେମାନେ ଆଗରୁ ଆସି ଗୋଟେ ହୋଟେଲରେ ରହିଛନ୍ତି। ଆପଣ ଚାହିଁଲେ ସେମାନେ ଆସି ଆପଣଙ୍କ ନିକଟରେ ଭୁଲ ସ୍ୱୀକାର କରିନେବେ।

ଭାଇ ରାଗରେ ଜଳି ଉଠିଲେ। ତାଙ୍କର ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ମୁଁ ଚୁପ୍ ରହିଲି। ଚା ପିଇବା ବାହାନାରେ ବାହାରକୁ ଆସିଲି। ଭାଉଜଙ୍କ ସଙ୍ଗେ ଫୋନ୍‌ରେ କଥା ହେଲି। ଭାଉଜ ଅବସ୍ଥାଚକ୍ରରେ ମୋର ସମସ୍ତ କଥାରେ ରାଜି ହେଲେ। ହୋଟେଲରୁ ପିଲାମାନଙ୍କୁ ନେଇ ଆସିଲେ।

ଭାଇ ସେମାନଙ୍କୁ ଦେଖୁଦେଖୁ ଆଉ ଗୋଟେ ରୁମ୍‌କୁ ଉଠି ଯାଉଥିଲେ। ଭାଉଜ ତାଙ୍କ ଗୋଡ଼ ଧରି ଅଟକେଇ ନେଲେ। ପିଲାମାନେ କୋହ ଉଠେଇ କାନ୍ଦିଲେ।

କୋହ ଚାପି ଭାଉଜ କହିଲେ, "କାହାର ଭୁଲ କାହାର ଠିକ୍ ସେ କଥା ଚିନ୍ତା କରିବାର ସମୟ ଏବେ ନୁହେଁ। ଅନ୍ତତଃ ଆମ ପିଲାମାନଙ୍କ ଭବିଷ୍ୟତ ପାଇଁ ଆମେ ବାପା ମା' ପରସ୍ପରକୁ ବୁଝିନେବା ଠିକ୍ ହେବ। କାରଣ ଯେତେହେଲେ ବି ସେମାନେ ଆମ ପିଲା।"

ଭାଇ କିଛି ଉତ୍ତର ଦେଇପାରିଲେ ନାହିଁ। ଗୋଟାପଣେ ଥରୁଥିଲେ। ତାଙ୍କ ଦୁଇ ଆଖିରୁ ଧାରଧାର ଲୁହ ବହି ଯାଉଥିଲା। ରାଜେଶ ବି କୋହ ସମ୍ଭାଳି ପାରିଲା ନାହିଁ।

ନିଶ୍ଚିତ ହୋଇଗଲା ତା' ଟୁଲା ଭାଇଙ୍କ କହିବା ଅନୁସାରେ ଇଏ ସବୁ ନାଟକର ସଂଳାପ ନୁହେଁ, ବରଂ ଗୋଟାଏ ଭଲ ନାଟକ ରଚନା ଲାଗି ଉପଯୁକ୍ତ ପୃଷ୍ଠଭୂମି, ଯେଉଁଥିରେ ଥିବା ତଥ୍ୟ ସବୁକୁ ନାଟ୍ୟରୂପ ଦେଲେ ଭାଙ୍ଗିଯାଉଥିବା ଅସଜଡ଼ା କୁଡ଼ିଆଟି ପୁଣି ସଜାଡ଼ି ହୋଇ ସୁନ୍ଦର କଟେଜ୍ ଭାବେ ଉଭା ହୋଇପାରିବ।

– ବ୍ରାହ୍ମଣସାଇଲୋ, କଟକ

# ଲୁପ୍ତ ଅରଣ୍ୟ

– ଜୋହାନ୍‌ସ ଭି. ଜେନ୍‌ସେନ୍

**ବିଂଶ ଶତାବ୍ଦୀର ଡେନ୍‌ମାର୍କ ସାହିତ୍ୟରେ ଜୋହାନ୍‌ସ ଭିଲ୍‌ହେମ୍ ଜେନ୍‌ସେନ୍ (୧୮୭୩–୧୯୫୦)ଙ୍କୁ ପ୍ରଥମ ଶ୍ରେଷ୍ଠ ସାହିତ୍ୟକାର କୁହାଯାଏ। ନିଜ ଡାକ୍ତରୀ ପାଠ ପାଇଁ ଅର୍ଥ ଯୋଗାଡ଼ ନିମିତ୍ତ ସେ ଲେଖକ ଭାବେ କାମ କରିବାକୁ ଆରମ୍ଭ କରିଥିଲେ ହେଁ ତିନି ବର୍ଷ ପରେ ଡାକ୍ତରୀ ପାଠ ଛାଡ଼ି ସାହିତ୍ୟକୁ ପେସା ଭାବରେ ଗ୍ରହଣ କଲେ। ୧୯୦୧–୦୨ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ ''ଦି ଫଲ୍ ଅଫ୍ ଦି କିଙ୍ଗ୍'' ତାଙ୍କୁ ଲୋକପ୍ରିୟତା ଆଣିଦେଲା। ଏହି ଉପନ୍ୟାସ ୧୯୯୯ରେ ଶତାବ୍ଦୀର ଶ୍ରେଷ୍ଠ ଡେନ୍‌ମାର୍କୀୟ ଉପନ୍ୟାସ ଭାବେ ଘୋଷିତ ହେଲା। ୧୯୦୬ରେ ପ୍ରକାଶିତ ତାଙ୍କ କବିତା ସଙ୍କଳନ ''ପୋଏମ୍‌ସ ୧୯୦୬'' ଡେନ୍‌ମାର୍କ ସାହିତ୍ୟରେ ଗଦ୍ୟ କବିତାର ଭିତ୍ତି ପତନ କଲା। କବିତା, ଉପନ୍ୟାସ, ନାଟକ, ଗଳ୍ପ ଓ ପ୍ରବନ୍ଧକୁ ମିଶାଇ ମୋଟ ପଞ୍ଚସ୍ତରିଟି ଗ୍ରନ୍ଥର ଏହି ସ୍ରଷ୍ଟାଙ୍କୁ ତାଙ୍କ ଦୁର୍ଲଭ କବିତ୍ୱ ଓ ସତେଜ ରଚନାଶୈଳୀ ପାଇଁ ୧୯୪୪ରେ ମିଳିଲା ନୋବେଲ ପୁରସ୍କାର।**



କୋରା ଜଣେ କୃଷକର ନାଁ। କିଛି ପଇସା ସଞ୍ଚୟ କଲା ପରେ ଦିନେ ସେ କ୍ରୀତଦାସ କିଣିବା ପାଇଁ ସହରକୁ ଗଲା।

ବିକ୍ରେତା ତାକୁ ଅନେକ କ୍ରୀତଦାସ ଦେଖାଇଲା, କେହି କିନ୍ତୁ କୋରାର ମନକୁ ଗଲେ ନାହିଁ।

''ତୁମେ କ'ଣ ଭାବୁଛ ମୁଁ ସମସ୍ତ କ୍ରୀତଦାସଙ୍କୁ ତୁମ ସାମ୍ନାରେ ଆଣି ଛିଡ଼ା କରେଇବି?'' ବିକ୍ରେତା ଅସନ୍ତୋଷ ସ୍ୱରରେ କହିଲା। ସମୟ ମଧ୍ୟାହ୍ନ ଥିଲା, କ୍ରୀତଦାସମାନେ ଶୋଇଥିଲେ।

''ଠିକ୍ ଅଛି, ମୁଁ ଆଉ କେଉଁ ବିକ୍ରେତାଙ୍କ ନିକଟକୁ ଯିବି,'' କୋରା କହିଲା।

''ଆଚ୍ଛା, ଆଚ୍ଛା!'' ବିକ୍ରେତା ଗୋଟେ ଜଞ୍ଜିର ଟାଣି ଇସାରା କଲା ଏବଂ ସମସ୍ତ କ୍ରୀତଦାସ ନିଦୁଆ ଆଖିରେ ଉଠି ଛିଡ଼ାହେଲେ। କୋରା ସମସ୍ତଙ୍କ ଉପରେ ଥରେ ଆଖି ପକେଇଲା ଓ ଜଣଜଣ କରି ଯତ୍ନର ସହ ନିରୀକ୍ଷଣ କଲା।

''ୟାକୁ ଦେଖ, ଏକଦମ ହୃଷ୍ଟପୁଷ୍ଟ,'' ଜଣେ କ୍ରୀତଦାସକୁ ଆଗକୁ ଠେଲି ଦେଇ ବିକ୍ରେତା କହିଲା। ''କ'ଣ ଭାବୁଛ? ତା' ଛାତି ଏକଦମ ମଜଭୁତ, ନୁହେଁ? ବିଧା ମାରି ଦେଖ ଏବଂ ତା' ମଣିବନ୍ଧକୁ ଦେଖ; ତା' ଶିରାପ୍ରଶିରା ଭାଓଲିନ୍‌ର ତାର ପରି।''

''ପାଟି ଖୋଲ୍!'' ବିକ୍ରେତା କ୍ରୀତଦାସର ପାଟି ଭିତରେ ଗୋଟେ ଆଙ୍ଗୁଠି ପୂରେଇ ତା' ମୁହଁକୁ ଆଲୁଅ ଆଡ଼କୁ ବୁଲେଇଲା। ''ଏବେ ତୁମେ ତା' ଦାନ୍ତ ଦେଖିବ,'' ଅହଙ୍କାରୀ ସ୍ୱରରେ କହିଲା ସେ। ଗୋଟେ ଛୁରିର ପଛଭାଗକୁ କ୍ରୀତଦାସର ଦାନ୍ତରେ ଠକ୍‌ଠକ୍ ବାଡ଼େଇ କହିଲା, ''ଦେଖ, ଏ ଦାନ୍ତ ଲୁହାରେ ତିଆରି। ଲୁହା କଣ୍ଟାକୁ କାମୁଡ଼ି ଦୁଇ ଖଣ୍ଡ କରିପାରିବ ଏ ଦାନ୍ତ।''

କୋରା କିଛି ସମୟ ଭାବିଲା। ସେ କ୍ରୀତଦାସର ଦେହରେ ଆଉ ଥରେ ହାତ ବୁଲେଇ ତନ୍ନତନ୍ନ କରି ଦେଖିଲା, ତା'ର ପ୍ରତି ମାଂସପେଶୀକୁ ଆଙ୍ଗୁଠି ଟିପରେ ଚିପି ମଜଭୁତ କି ନାଇଁ ପରୀକ୍ଷା କଲା। ଶେଷରେ ସେ କିଣିବା ପାଇଁ ସ୍ଥିର କଲା, ଅନିଚ୍ଛା ସତ୍ତ୍ୱେ ତା'ର ମୂଲ୍ୟ ପଇଠ କଲା ଓ ତାକୁ ସାଥିରେ ଧରି ଘରକୁ ଫେରିଲା।

କିଛିଦିନ ପରେ କ୍ରୀତଦାସର ଦେହ ଖରାପ ହେଲା ଓ ସେ ବିଳିବିଳେଇବାକୁ ଲାଗିଲା। ଯେହେତୁ ସେ ଆଉ ବିକ୍ରିର ସାମଗ୍ରୀ ନ ଥିଲା ଓ ପୂର୍ଣ୍ଣ ଭାବେ ସାଧାରଣ ଜୀବନକୁ ଆସି ସାରିଥିଲା, ଏଥର ତା'ର ସେଇ ପୁରୁଣା ଅରଣ୍ୟ କଥା ମନେପଡ଼ିଲା, ଯେଉଁଠୁ ଆସିଥିଲା ସେ। ତା'ର ଭାବଭଙ୍ଗୀରୁ କୋରା ଏ କଥା ଠଉରେଇ ପାରିଲା ଏବଂ ଏହା ଏକ ଭଲ ଲକ୍ଷଣ ବୋଲି ବିଚାରିଲା। ଦିନେ କ୍ରୀତଦାସ ଚିତ୍ ହୋଇ ଉପରକୁ ମୁହଁ କରି ନିସ୍ପୃହ ଭାବେ ପଡ଼ିଥାଏ, କୋରା ଯାଇ ତା' ନିକଟରେ ବସିଲା ଏବଂ ତା' ସହିତ ବିଚାରପୂର୍ଣ୍ଣ ଢଙ୍ଗରେ କଥାବାର୍ତ୍ତା ଆରମ୍ଭ କଲା।

''ତୁ ତୋ' ଜଙ୍ଗଲକୁ ଦିନେ ଫେରିବୁ। କିଛି ଡରିବାର ନାହିଁ। ମୁଁ କଥା ଦେଉଛି। ଏବଂ ତୁ ମୋ' କଥାରେ ଭରସା ରଖିପାରୁ। ତୁ ଏବେ ଯୁବକ। ଯଦି ତୁ ମୋ' ଜମିକୁ ପାଞ୍ଚ ବର୍ଷ ପାଇଁ ଝାଳବୁହା ପରିଶ୍ରମ କରି ମନ ଖୁସିରେ ଚାଷ କରୁ, ମୁଁ ତୋତେ ଦାସତ୍ୱରୁ ମୁକ୍ତ କରିଦେବି, ଯଦିଓ ମୁଁ ତୋତେ ବହୁତ ଟଙ୍କା ଦେଇ କିଣିଛି। ମାତ୍ର ପାଞ୍ଚ ବର୍ଷ। ପକ୍କା ତ?''

କ୍ରୀତଦାସ କାମ କରିବାରେ ଲାଗିଲା। ଏକ ରାକ୍ଷସ ପରି ସବୁ କାମରେ ତା'ର ନିୟନ୍ତ୍ରଣ ଥିଲା। କୋରା ଦୁଆରବନ୍ଧ ଉପରେ ବସି ତାକୁ କାମ କରିବାର ଦେଖୁଥିଲା, ତା'ର ବଳିଷ୍ଠ ଶରୀରର କଳା ଚମ ତଳେ ଥିବା ମାଂସପେଶୀର ସଞ୍ଚାଳନ ଓ ଆନ୍ଦୋଳନ ତା' ମନରେ ଅଦ୍ଭୁତ ପ୍ରକାରର ଆନନ୍ଦ ଆଣୁଥିଲା। ଯେହେତୁ କୋରା ପାଖରେ ଆଉ କୌଣସି କାମ ନ ଥିଲା, ଏହି ଦୃଶ୍ୟକୁ ସେ ଘଣ୍ଟାଘଣ୍ଟା ଧରି ଉପଭୋଗ କରୁଥିଲା। ସେ କ୍ରମଶଃ ଅନୁଭବ କରିବାକୁ ଲାଗିଲାଯେ ଶରୀର ମଧ୍ୟ ଖୁବ୍ ସୁନ୍ଦର ଓ ଆଖି ପାଇଁ ଉପଭୋଗ୍ୟ।

ପାଞ୍ଚ ବର୍ଷ ହିସାବ କରିବାକୁ ଯାଇ କ୍ରୀତଦାସ ଠଉରେଇଲାଯେ ଯେତିକି ଥର ସୂର୍ଯ୍ୟ ଉତ୍ତରାୟଣ ଓ ଦକ୍ଷିଣାୟନ ଗତି କରିବେ, ତା'ହାତରେ ସେତିକି ଆଙ୍ଗୁଠି ଅଛି। ସୂର୍ଯ୍ୟଙ୍କୁ ଦଶଥର ଗତି କରିବାକୁ ଅଛି। ପ୍ରତି ସନ୍ଧ୍ୟାରେ ସେ ସୂର୍ଯ୍ୟଙ୍କୁ ଅସ୍ତ ଯିବାର ଦେଖେ ଏବଂ ଗୋଟେ ବଡ଼ ପଥର ଉପରେ ଛୋଟ ପଥର ସାହାଯ୍ୟରେ ଗାର ଟାଣି ହିସାବ ରଖେ। ଯେତେବେଳେ ପ୍ରଥମ ଥର ସୂର୍ଯ୍ୟ ଗତିପଥ ବଦଳାଇଲେ, ସେ ଡାହାଣ ହାତ ବୁଢ଼ା ଆଙ୍ଗୁଠିରେ ଗଣିଲା। ଯେତେବେଳେ ସୂର୍ଯ୍ୟ ଆଉ ଏକ ଉତ୍ତରାୟଣ ଅତିକ୍ରମ କଲେ, ତାର ବିଶି ଆଙ୍ଗୁଠି ଖାଲିଥିଲା। ଅନ୍ୟ ଆଙ୍ଗୁଠି ଅପେକ୍ଷା ସେ ଏହି ଦୁଇ ଆଙ୍ଗୁଠିକୁ ବେଶି ଭଲ ପାଉଥିଲା, ଯାହା ତା'ର ଦାସତ୍ୱର ଚିହ୍ନ ଥିଲା।

ଏହିଭଳି ଭାବେ ଦିନ ଗଣିବା ଏବଂ ଅତିବାହିତ ସମୟର ହିସାବ ରଖିବା କ୍ରୀତଦାସର ଧର୍ମ ହୋଇଗଲା ଏବଂ ହୋଇଗଲା ତା'ର ପ୍ରକୃତ ସମ୍ପଦ, ତା'ର ଆଧ୍ୟାତ୍ମିକ ଧନ ଯାହା ତାକୁ ସାନ୍ତ୍ୱନା ଦେଉଥିଲା କିମ୍ବା ସଂଶୟରେ ପକାଉଥିଲା।

ସମୟକ୍ରମେ ତା'ର ଗଣା ବିସ୍ତାରିତ, ବ୍ୟାପକ ତଥା ଗଭୀର ହେଲା। ଅସୀମ କଳ୍ପନା ଭିତର ଦେଇ ବିତି ଯାଉଥିବା ବର୍ଷଗୁଡ଼ିକୁ ସେ ଯଦିଓ ବୁଝିପାରୁ ନ ଥିଲା, ପ୍ରତ୍ୟେକ ନୂତନ ସୂର୍ଯ୍ୟାସ୍ତର ଦ୍ୟୁତି ତା'ର ଆଶାକୁ ଉଜ୍ଜୀବିତ ତଥା ବିଶ୍ୱାସକୁ ପ୍ରତିଷ୍ଠିତ କରାଉଥିଲା। ସମୟ, ଯାହା ତତ୍‌କାଳ କ୍ଷଣିକ ଲାଗୁଥିଲା, ଅତୀତ ହେବା ମାତ୍ରକେ ଅସରନ୍ତି ଲାଗୁଥିଲା, ଭବିଷ୍ୟତ ତାକୁ ଦିଶୁ ନ ଥିଲା।

ଏଭଳି ପ୍ରାଜ୍ଞତାରେ କ୍ରୀତଦାସର ଉତ୍ସାହ ଦୃଢ଼ତର ହେବାକୁ ଲାଗିଲା। ଯେହେତୁ ତା'ର ଇଚ୍ଛା ସମୟ ପାଇଁ ଅସୀମତା ଆଣିଲା, ତା'ର ପୃଥିବୀ ଅନନ୍ତ ହୋଇଗଲା ଏବଂ ତା'ର ଭାବନା ମଧ୍ୟ ଅସୀମ ହୋଇଗଲା। ପ୍ରତ୍ୟେକ ସଂଧ୍ୟାରେ ସେ ବିଚାରମଗ୍ନ ଭାବେ ପଶ୍ଚିମ ଉପାନ୍ତକୁ ଚାହିଁ ରହିଲା ଏବଂ ପ୍ରତ୍ୟେକ ସୂର୍ଯ୍ୟାସ୍ତ ତା'ର ଆତ୍ମାକୁ ଅଧିକରୁ ଅଧିକ ଗାମ୍ଭୀର୍ଯ୍ୟ ପ୍ରଦାନ କଲା।

ଶେଷରେ, ଯେତେବେଳେ ପାଞ୍ଚ ବର୍ଷ ପୂରିଗଲା, କ୍ରୀତଦାସ ତା' ମାଲିକ ନିକଟକୁ ଆସିଲା ଏବଂ ନିଜର ସ୍ୱାଧୀନତା ମାଗିଲା। ସେ ଅରଣ୍ୟରେ ଥିବା ତା'ଘରକୁ ଯିବାକୁ ଚାହିଁଲା।

''ତୁ ଜଣେ ବିଶ୍ୱସ୍ତ ଭୃତ୍ୟ,'' କୋରା ଚିନ୍ତନଶୀଳ ସ୍ୱରରେ ସ୍ୱୀକାର କଲା। ''କହ ମୋତେ, ତୋ' ଘର କେଉଁଠି? ପଶ୍ଚିମରେ? ମୁଁ ଅନେକ ସମୟରେ ତୋତେ ସେଇ ଆଡ଼କୁ ଚାହୁଁଥିବାର ଦେଖିଛି।''

ହଁ, ତା' ଘର ପଶ୍ଚିମରେ ଥିଲା।

''ତେବେ ଏହା ଅନେକ ଦୂରରେ,'' କୋରା କହିଲା। କ୍ରୀତଦାସ ମୁଣ୍ଡ ହଲେଇ ସମ୍ମତି ପ୍ରକାଶ କଲା। ''ଆଉ ତୋ ନିକଟରେ ଟଙ୍କା ନାହିଁ, ଅଛି?''

କ୍ରୀତଦାସ ନୀରବ ରହିଲା, ତା' ମୁହଁରେ ନିରାଶର ଛାପ। ଠିକ୍ କଥା, ତା' ପାଖରେ ଟଙ୍କା ନ ଥିଲା।

''ଦେଖ୍, ବିନା ଟଙ୍କାରେ ତୁ କୁଆଡ଼େ ଯାଇ ପାରିବୁନାହିଁ। ଯଦି ତୁ ମୋ' ପାଇଁ ଆଉ ତିନି ବର୍ଷ, ନାଇଁ ନାଇଁ, ଦୁଇ ବର୍ଷ କାମ କରିବୁ, ତେବେ ମୁଁ ତୋତେ ଏତେ ଟଙ୍କା ଦେବି ଯେ ତୁ ଯୁଆଡ଼େ ଚାହିଁବୁ ଯାଇ ପାରିବୁ।''

କ୍ରୀତଦାସ ମୁଣ୍ଡ ନୁଆଁଇ ସମ୍ମତି ପ୍ରକାଶ କଲା ଏବଂ ତା' ସାଜ ସରଞ୍ଜାମ ନିକଟକୁ ଫେରିଗଲା। ସେ ମନ ଲଗାଇ କାମ କଲା, କିନ୍ତୁ ପୂର୍ବପରି ଆଉ ବିତି ଯାଉଥିବା ସମୟର ହିସାବ ଠିକ୍ ରୂପେ ରଖି ପାରୁ ନ ଥିଲା। ଅନ୍ୟପକ୍ଷରେ, ସେ ଦିବାସ୍ୱପ୍ନ ଦେଖିବା ତ୍ୟାଗ କଲା। ବେଳେବେଳେ କୋରା ତାକୁ ଶୋଇଲାବେଳେ କାନ୍ଦିବାର ଓ ବିଳିବିଳେଇ ହେବାର ଶୁଣିଲା। କିଛିଦିନ ପରେ ସେ ପୁଣି ଅସୁସ୍ଥ ହୋଇପଡ଼ିଲା।

ତା'ପରେ କୋରା ତା' ନିକଟରେ ବସି ଅନେକ ସମୟ ଧରି ଗମ୍ଭୀର ଭାବେ ବୁଝେଇବାକୁ ଲାଗିଲା। ତା'କଥାରେ ଦୂରଦର୍ଶିତା ଥିଲା, ପାଣ୍ଡିତ୍ୟ ଥିଲା, ଲାଗୁଥିଲା ଯେମିତି ନିଷ୍କପଟ ଅନୁଭବ ଭରିରହିଛି ତା'କଥାରେ।

''ମୁଁ ଜଣେ ପ୍ରୌଢ଼,'' ସେ କହିଲା। ''ମୋ' ଯୁବାବସ୍ଥାରେ ମୁଁ ମଧ୍ୟ ପଶ୍ଚିମ ଦିଗକୁ ଯିବାକୁ ଚାହୁଁଥିଲି; ସେଠିକାର ସୁନ୍ଦର ଅରଣ୍ୟ ମୋତେ ସଂକେତ ଦେଉଥିଲା। କିନ୍ତୁ ଯାତ୍ରା କରିବା ପାଇଁ ମୋ' ପାଖରେ ଟଙ୍କା ନ ଥିଲା। ଏବେ ଆଉ ଯାଇପାରିବି ନାହିଁ– ହୁଏତ ମୃତ୍ୟୁ ପରେ ମୋ' ଆତ୍ମା ସେଠାକୁ ଯିବ। ତୁ ଏବେ ଯୁବକ ଓ କାର୍ଯ୍ୟକ୍ଷମ, ପରିଶ୍ରମୀ ମଧ୍ୟ। କିନ୍ତୁ ତୁ କ'ଣ ମୋ' ଯୁବାବସ୍ଥା ତୁଳନାରେ ସକ୍ଷମ ଓ ହୃଷ୍ଟପୁଷ୍ଟ? ଏ ସବୁ ବିଷୟରେ ଥରେ ଭାବି ଦେଖ୍ ଏବଂ ଏହା ଜଣେ ପ୍ରୌଢ଼ ବ୍ୟକ୍ତିର ଉପଦେଶ। ଦେଖିବୁ ତୁ ଭଲ ହୋଇଯିବୁ।''

କ୍ରୀତଦାସ ଧୀରେଧୀରେ ଭଲ ହେଲା। ଯେତେବେଳେ ସେ ସଂପୂର୍ଣ୍ଣ ସୁସ୍ଥ ହେଲା, ତା' ମନରେ ପୂର୍ବ ପରି ଆଗ୍ରହ ନ ଥିଲା। ସେ ଅଳ୍ପକେ ଭାଙ୍ଗି ପଡୁଥିଲା, ତା'ର ଆକାଂକ୍ଷା ସରି ଯାଇଥିଲା, ସେ ଏବେ କାମ ମଝିରେ କିଛି ସମୟ ତଳେ ଶୋଇ ଆରାମ କରିବାକୁ ଭଲ ପାଉଥିଲା। ଦିନେ କୋରା ତାକୁ ଚାବୁକ ପ୍ରହାର କଲା। ସେ କାନ୍ଦିଲା, କିନ୍ତୁ ଏହା ତାକୁ ସାହାଯ୍ୟ କଲା।

କୋରା କ୍ରୀତଦାସକୁ ଦାସତ୍ୱରୁ ମୁକ୍ତ କଲା। କ୍ରୀତଦାସ ପଶ୍ଚିମ ଦିଗକୁ ଗଲା। କିନ୍ତୁ କିଛି ମାସ ପରେ ଦୁଃଖ ମନରେ ଫେରି ଆସିଲା। ସେ ତା'ର ଅରଣ୍ୟକୁ ଖୋଜି ପାଇଲା ନାହିଁ।

''ଦେଖିଲୁ ତ?'' କୋରା କହିଲା। ''ତୋତେ ମୁଁ ସାବଧାନ କରେଇ ନ ଥିଲି? କିନ୍ତୁ କେହି ଏଠି କହିବେ ନାହିଁଯେ ମୁଁ ତୋ' ପ୍ରତି ସହାନୁଭୂତିଶୀଳ ବୋଲି। ଆଉ ଥରେ ଚେଷ୍ଟା କର। ଏଥର ପୂର୍ବ ଦିଗକୁ ଯା'। ହୁଏତ ତୋ' ଅରଣ୍ୟ ସେଇ ଦିଗରେ ପଡ଼ିପାରେ।''

ସେ ଆଉ ଥରେ ପ୍ରସ୍ଥାନ କଲା। ଏଥର ତା' ମୁହଁ ଉଇଁଥିବା ସୂର୍ଯ୍ୟଙ୍କ ଆଡ଼କୁ ଥିଲା। ଅନେକ ଦୂର ଚାଲିଲା ପରେ ସେ ଅରଣ୍ୟକୁ ଭେଟିଲା। କିନ୍ତୁ ସେ ସେଇ ଅରଣ୍ୟକୁ ଚିହ୍ନି ପାରିଲାନି। କ୍ଳାନ୍ତଶ୍ରାନ୍ତ ଅବସ୍ଥାରେ, ହାରିଯିବାର ମନ ନେଇ ସେ ପଶ୍ଚିମ ଦିଗକୁ ମୋଡ଼ିଲା ଏବଂ ତା' ମାଲିକ ନିକଟକୁ ଫେରିଆସିଲା। ଯଦିଓ ସେ ଛୋଟ ବଡ଼ ଅରଣ୍ୟଗୁଡ଼ିକୁ ଭେଟିଲା, ସେ ଅରଣ୍ୟ ସବୁ ତା'ର ନ ଥିଲେ– ତା' ମାଲିକକୁ କହିଲା ସେ।

''ହୁଁ!'' କୋରା କାଶିଲା।

''ମୋ' ସହିତ ରହ,'' ସ୍ନେହାର୍ଦ୍ର କଣ୍ଠରେ କହିଲା କୋରା। ''ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି ତୁ ରହିବା ପାଇଁ ଜାଗା ଖଣ୍ଡେ ଏ ପୃଥିବୀରେ ନିଶ୍ଚିତ ଭାବେ ଥିବ। ଏବଂ ମୁଁ ଯେତେବେଳେ ଏ ଦୁନିଆ ଛାଡ଼ିବି, ମୋ' ପୁଅମାନେ ତୋ' କଥା ବୁଝିବେ।'' ତେଣୁ କ୍ରୀତଦାସ ସେଇଠି ରହିଗଲା।

କୋରା ବୁଢ଼ା ହେଲା, କିନ୍ତୁ କ୍ରୀତଦାସ ତା'ର ଭରା ଯୌବନରେ ଥିଲା। କୋରା ତାକୁ ଭଲରେ ଖାଇବାକୁ ଦେଲା, ଯେମିତି ସେ ଅଧିକ ଦିନ ଜୀବିତ ରହିବ। ତାକୁ ସଫାସୁତୁରା ରଖିଲା, ଯେମିତି ତା'ର ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମଝିରେ ମଝିରେ ଚାବୁକ ପ୍ରହାର ଦେଲା, ଯେମିତି ସେ ନିରହଙ୍କାର ଓ ବିନୀତ ରହିବ। ଏପରିକି ବଡ଼ ପଥର ଉପରେ ବସି ପଶ୍ଚିମ ଦିଗକୁ ଚାହିଁବା ପାଇଁ ସେ କ୍ରୀତଦାସକୁ ରବିବାର ଦିନ ଛୁଟି ମଧ୍ୟ ଦେଲା।

କୋରା ଜମିରୁ ପ୍ରଚୁର ଫସଲ ଉତ୍ପନ୍ନ ହେଲା। ସେ ଅନେକ ଜଙ୍ଗଲ କିଣିଲା ଓ କ୍ରୀତଦାସକୁ କାମ ଦେବା ପାଇଁ ଜଙ୍ଗଲକୁ ଚାଷ ଜମିରେ ବଦଳାଇଲା। କ୍ରୀତଦାସ ମନ ଲଗେଇ ଗଛ କାଟି ଚାଲିଲା। କୋରା ଏବେ ଧନୀ ହୋଇ ସାରିଥିଲା ଏବଂ ଦିନେ ବଜାରରୁ କ୍ରୀତଦାସୀଟିଏ କିଣି ଘରକୁ ଆଣିଲା।

ଦିନ ବିତିଗଲା। କୋରାର ଅଗଣାରେ ଛଅ ଜଣ ବଳିଷ୍ଠ କ୍ରୀତଦାସ ବାଳକ ବଢ଼ିବାକୁ ଲାଗିଲେ। ନିଜର ପିତା ପରି ସେମାନେ ମଧ୍ୟ ମନ ଲଗାଇ କାମ କଲେ। କେବଳ କାମ କଲେ ହିଁ ସମୟ ପ୍ରବାହିତ ହୁଏ, କ୍ରୀତଦାସ ତା' ପିଲାଙ୍କୁ ଶିଖାଇଲା। ସମୟ ପ୍ରବାହିତ ହେଲେ ଆମେ ଅରଣ୍ୟ ସହ ମିଶିପାରୁ। ପ୍ରତ୍ୟେକ ଛୁଟି ଦିନରେ ସେ ପାହାଡ଼ ଉପରକୁ ପିଲାଙ୍କୁ ନେଇ ସୂର୍ଯ୍ୟାସ୍ତ ଦେଖାଇଲା ଏବଂ ମନରେ ଦୃଢ଼ତା ଆଣିବା ବିଷୟରେ ଶିଖାଇଲା।

କୋରା ବୃଦ୍ଧ ଓ ଜରାଗ୍ରସ୍ତ ହୋଇ ସାରିଥିଲା। ଯଦିଓ ସେ ପୂର୍ବରୁ ମଧ୍ୟ କିଛି କରୁ ନ ଥିଲା ଓ ନିଜକୁ ପ୍ରୌଢ଼ ବୋଲି ଭାବୁଥିଲା। ଏବେ କିନ୍ତୁ ତା' ପାଖରେ କେବଳ କିଛି ସମୟ ବ୍ୟତୀତ ଆଉ କିଛି ନ ଥିଲା। ତା' ପୁଅମାନେ କେବେ ସବଳ ନ ଥିଲେ, କିନ୍ତୁ ତାଙ୍କର କାହାରିକୁ ଭୟ ନ ଥିଲା, ଯେହେତୁ ତାଙ୍କର ପ୍ରତ୍ୟେକ ଦାସ ଗୋଟିଏ ମୁଥରେ କାହାକୁ ବି ତଳେ ପକେଇ ଦେବାର ବଳ ରଖିଥିଲା। ସେମାନେ ପାରଙ୍ଗମ ଥିଲେ; ସେମାନଙ୍କର ଲୌହ ପରି ପେଶୀର ମାଂସ ଏକଦମ ମଜଭୁତ ଥିଲା ଏବଂ ଦାନ୍ତ ଥିଲା ବ୍ୟାଘ୍ରଦନ୍ତ ପରି। ସମୟ ଖୁବ୍ ନିରାପଦ ଥିଲା। ତେଣୁ କ୍ରୀତଦାସମାନେ ତାଙ୍କର ଟାଙ୍ଗିଆ ଚଳାଇ ଗଛ କାଟିବାରେ ବ୍ୟସ୍ତ ରହିଲେ।

*– ଅନୁବାଦ: ସତ୍ୟ ପଟ୍ଟନାୟକ*

*– ୭୪୬୪ ୱିଜଡମ୍ ଲେନ୍, ଡବ୍‌ଲିନ୍, ଓ୍ୱାହିଓ ୪୩୦୧୬*
*ଯୁକ୍ତରାଷ୍ଟ୍ର ଆମେରିକା*

# କବିତା

## ବର୍ଷା

**ଚିରଶ୍ରୀ ଇନ୍ଦ୍ରସିଂ**

ଏମିତିକା ଝୋ ଝୋ ବର୍ଷା
ସବୁ ଲାଞ୍ଜକଟା ଗୁଡ଼ି, ଚଢ଼େଇବସା, ଫଟା ବେଲୁନ୍
ଶିବିର, ପୂଜାସ୍ଥଳ, ଦଳ, ଦର୍ଶନ
ଓ ଦରବାରର ଭିନ୍ନଭିନ୍ନ ପତାକା
ବନସ୍ପତିର ଉଦ୍ଧତ ଶାଖାପ୍ରଶାଖା
ପତ୍ରର ଗାଲରେ ଲାଗିଥିବା ନାରଙ୍ଗୀ-ଧୂଳି
ସବୁ କିଛି ଫେରିଆସେ ମାଟି ଉପରକୁ।

ଏଇ ବର୍ଷାରେ
ନିଦରୁ ଉଠି ପଡ଼ନ୍ତି ସବୁ କିମ୍ବଦନ୍ତୀ
ପୋତି ହୋଇ ପଡ଼ିଥିବା ଚେଲିତୋଳରେ
ଲାଗିଯାଏ ଗହଳଚହଳ
ତଅପୋଇ କାନ୍ଦଣାରେ ଆତୁର ବନସ୍ତ
ରାମଗିରି ଶିଖରରେ ଉଭା ମେଘଦୂତ।

ବିଜୁଳି ଚମକି ଉଠେ ଥରକୁ ଥର, ଓ
ପ୍ରତିଥର ବିଜୁଳି-ଲତାରେ ଗୁଡ଼େଇ ହୋଇ
ଉଡ଼ିଯାଆନ୍ତି ଆଲୁଅର ଦଳେ ପ୍ରଜାପତି
ଅଙ୍କୁରୋଦ୍‌ଗମର ବେଳା
ଜନ୍ମହେବେ କୀଟ, କୃମି, କବିତା
ଓ ଜନ୍ମନେବେ କେତେକେତେ ସରୀସୃପ,
ଅସୁର, ଈଶ୍ୱର
ଖୋଲିଯାଏ ବନ୍ଦୀଶାଳା
ବାଟ ଛାଡ଼ିଦିଏ ନଦୀ, ପାହାଡ଼ର ପାଦ ଯାଏ ଘୁଞ୍ଚି
ଯୋଗୀ ମାଗେ, ଭୋଗୀ ମାଗେ
ମାଟି ମାଗେ, ଏମିତିକି ମୃତ୍ୟୁ ମାଗେ ରତି।

ଝୋ ଝୋ ବର୍ଷା ଖାଲି ବର୍ଷା
ବର୍ଷା... ବର୍ଷା... ବର୍ଷା...
ଝୋଝୋ...ଝୋଝୋ...ଝୋଝୋ...
ବର୍ଷା ଖାଲି ବର୍ଷା... ଖାଲି ବର୍ଷା।

-ଅଡ଼ଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟ,
ଅଡ଼ଶପୁର

## ଶାଗୁଆ ଶାଗୁଆ ଦୂବ ଉପରେ

**ମୂଳ ହିନ୍ଦୀ: ଅଟଳ ବିହାରୀ ବାଜପାୟୀ**
**ଅନୁସୃଜନ: ମଧୁସ୍ମିତା ପଟ୍ଟନାୟକ**

ଶାଗୁଆ ଶାଗୁଆ ଦୂବ ଉପରେ
କାକର ବୁନ୍ଦା,
ଏଇ ଅଛି, ଏଇ ନାହିଁ।

ଏମିତିଆ ଖୁସି
କେବେ ନ ଥିଲା,
କେଉଁଠି ହେଲେ ନାହିଁ...
ଯିଏ ଚାଲୁଥିବ ସଦାବେଳେ
ଆମ ସାଙ୍ଗେ ସାଙ୍ଗ ହେଇ।

ଘନ କୁହୁଡ଼ି ଭିତରୁ
ବାହାରି ଆସେ ସକାଳ ସୂର୍ଯ୍ୟ
ପୂର୍ବ ଦିଗର କୋଳରେ
ଯେତେବେଳେ ସେ ପା' ଥାପେ
ସେତେବେଳେ ମୋ' ବଗିଚାର
ପ୍ରତିଟି ଗଛର ପତ୍ର ଚମକିବାକୁ ଲାଗେ
ମୁଁ ସେଇ ଉଦିତ ସୂର୍ଯ୍ୟକୁ ନମସ୍କାର କରିବି
ନା ତା' ଉତ୍ତାପରେ ବାଷ୍ପ ହେଇ
ସୃଷ୍ଟି ହେଉଥିବା କାକରବୁନ୍ଦାଙ୍କୁ ଖୋଜିବି ?

'ସୂର୍ଯ୍ୟ' ସେ ତ ଜୀବନର ସତ୍ୟ
ଯାହାର ଅସ୍ତିତ୍ୱକୁ ଅସ୍ୱୀକାର
କରିପାରିବିନି ମୁଁ କେବେ
କିନ୍ତୁ ସେ କାକରବୁନ୍ଦାର ସୃଷ୍ଟି ବି ତ ସତ୍ୟ
ହେଉ ପଛେ ତା' ଅସ୍ତିତ୍ୱ ଅଳୀକ
ତେବେ କାହିଁକି ମୁଁ ନ ବଞ୍ଚିବି
ମୋର ଏଇ ମୁହୂର୍ତ୍ତମାନଙ୍କୁ ନେଇ ?
ଯାହାର ପ୍ରତି କଣିକାରେ ବିଚ୍ଛୁରିତ
ସୌନ୍ଦର୍ଯ୍ୟର ରସ, କାହିଁକି ମୁଁ
ନ କରିବି ପାନ ?

ସୂର୍ଯ୍ୟ ତ ପୁଣି ଥରେ ଉଇଁବ
ତା' କିରଣରେ ଦିଗ୍‌ବିଦିଗ ଆଲୋକିତ ହେବ
କିନ୍ତୁ ମୋ' ବଗିଚାର
ଶାଗୁଆ ଶାଗୁଆ ଦୂବ ଉପରେ
ପଡ଼ିଥିବା କାକରବିନ୍ଦୁଙ୍କୁ
ମୁଁ ତ ଦେଖିବାକୁ ପାଇବିନି
ଆଉ, ସବୁ ଋତୁରେ... !!

(ହିନ୍ଦୀ ଶୀର୍ଷକ: 'ହରି ହରି ଦୂବ ପର')

- ପ୍ଲଟ୍ ନଂ.-୨୧୭/(ପି), ୟୁନିଟ୍-୯
(ଫ୍ଲାଟ୍), ବାୟାବାବା ମଠ ଲେନ୍,
ଭୁବନେଶ୍ୱର-୨୨

## ଥରେ ଶୁଣିକରି ଦେଖ

**ସାଗରିକା ପଟ୍ଟନାୟକ**

ବେଳେବେଳେ ମୋ' ନୀରବତା
ବି କଥା କୁହେ
ଫରକ ଏତିକି, ତୁମେ ଶୁଣି ପାରନା...
ଥରେ ଶୁଣିକରି ଦେଖ
ଶୂନ୍ୟତାର ସେଇ ସାତତାଳ ଗଣ୍ଡରେ
ପାଇବ ନିର୍ଭୁଲ, ସତେଜ,
ହୃଦୟସ୍ପର୍ଶୀ କାହାଣୀଟିଏ,ମୋ' ଜୀବନର
ମୋ ପ୍ରେମର...

ତୁମ ମୋ' ସମ୍ପର୍କର
କେଇ ଧାଡ଼ି ଶବ୍ଦରେ
ମନେ ପକାଇ ଦେବ ତୁମ ପ୍ରତିଶ୍ରୁତିକୁ
ହୁଏତ ତା' ପରେ...
ତମେ ଗଢ଼ିପାର ଅଧା ଥିବା
ଆମ ପ୍ରେମର ତାଜମହଲ
ସମୟର ସୁନେଲି ତୂଳୀରେ...

ଥରେ ଶୁଣିକରି ଦେଖ... !

- କାକଟପୁର, ବାଲିସିଂହା, ପୁରୀ

## ପ୍ରହେଳିକା

**ବିଷ୍ଣୁଚରଣ ପଟ୍ଟନାୟକ**

ମନର ମାଟି କାନ୍ଥରୁ
ଛାଏଁଛାଏଁ ଝଡ଼ି ପଡୁଛି
ଯନ୍ତ୍ରଣାରେ ଜର୍ଜରିତ ମିଛିମିଛିକା
ଆଶ୍ୱାସନାର ପ୍ରଲେପ।

ହୃଦୟର ଝରକା ଫାଙ୍କରୁ
ତୁହାକୁ ତୁହା ଗୁଞ୍ଜରିତ ହେଉଛି,
କେତେ ମଧୁର ସ୍ମୃତିର
ରିକ୍ତ, ସିକ୍ତ ଅନୁଭୂତି।

ଅଦେଖା ଇଙ୍ଗିତରେ ଆଜି
ସନ୍ତାପିତ ହେଉଛି ପ୍ରାଣ
ନିୟତିର ଦୁର୍ବାର ପ୍ରବେଗରେ
ନିନାଦିତ ବିଦ୍ରୂପ ଓ ପରିହାସ।

ଦିନେ ଯାହା ଲାଗୁଥିଲା
ସତ ସତିକା, ଆଜି ଲାଗୁଛି ପ୍ରହେଳିକା।

- ବନଦେବୀ ପାଟଣା, କବିସୂର୍ଯ୍ୟନଗର,
ଗଞ୍ଜାମ

## ଗୀତି-କବିତା:

## ହେ ମୋର ଜୀବନ

**ବିପ୍ଳବ**

କେବେ ହଜେଇଛୁ ଫୁଲ ଫଗୁଣରେ
ରଙ୍ଗର ଅବିର ମାଖି
କେବେ ଭିଜେଇଛୁ ଲୁହ ଓ ଲହୁରେ
ଦୁଃଖକୁ ଦେଇଛୁ ଡାକି।।

କେବେ ସପନରେ ରଙ୍ଗ ଲଗେଇ
ହଜେଇଛୁ ରାତି ନିଦ
କେବେ ସାପ ପରି ଚୋଟ ମାରି ପୁଣି
ଶୁଙ୍ଘେଇଛୁ ମୋତେ ଗଦ।।

କେବେ ତୁ' କରିଛୁ ମେଘୁଆ ମେଘୁଆ
ଏଇ ମୋର ଆଖିପତା
କେବେ ବରଷାରେ ଆଉଁଶି ଦେଇଛୁ
ସାଜି ମୋ' ଜୀବନେ ଛତା।।

କେବେ ସପନରେ ନିଆଁ ତୁ ଲଗେଇ
ଜାଳିଅଛୁ ତିଳତିଳ
କେବେ ପୁଣି ମୋତେ ହସେଇଛୁ କେତେ
ସାଜି ମୋ' ଗଳାର ହାର।।

- ବାଙ୍କୀ






# ପ୍ରଥମ କବିତା ପ୍ରକାଶ ପରେ ଲାଗିଲା- ମୁଁ ବି ଲେଖିପାରିବି...


ନରେନ୍ଦ୍ର ସେଠୀଙ୍କ ଜନ୍ମ ୧୯୭୭ରେ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ଜାମୁଗାଁରେ। ଏକାଧାରରେ କବି, ଗାଳ୍ପିକ, ଶିଶୁ ସାହିତ୍ୟିକ ଓ ଅନୁବାଦକ ନରେନ୍ଦ୍ରଙ୍କର ପ୍ରଥମ କବିତା ସଂକଳନ 'ରାସ୍ତା ଓ ଅନ୍ୟାନ୍ୟ କବିତା' ପ୍ରକାଶ ପାଇଛି ୨୦୧୮ରେ। ଭାରତୀୟ ଭାଷା ସାହିତ୍ୟରେ ଅଧିକ ରୁଚି ହେତୁ ଅନୁବାଦରେ ହାତ ଦେଇ ଏଥିପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ କରି ଚାଲିଛନ୍ତି। ଲେଖକ ପେସାରେ ବୈଜ୍ଞାନିକ, କିନ୍ତୁ ନିଶା ତାଙ୍କର ସାହିତ୍ୟ। ସମ୍ପ୍ରତି ସେ ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ।

ପିଲାଦିନେ ଖରାଛୁଟି ମାମୁଘର ଗାଁରେ କଟାଇଲା ବେଳେ ନଜରପଡ଼େ ମାମୁଙ୍କ ପ୍ରେମ କବିତା ଓ ଗଳ୍ପ ଉପରେ। ମାମୁଙ୍କ କଲେଜ ଡାଏରୀରୁ କବିତା ଓ ଗଳ୍ପ ଦେଖି ମୋ' ମନରେ ଲେଖିବାକୁ ଇଚ୍ଛା ଜାଗ୍ରତ ହୁଏ। ମାମୁଙ୍କର କଲେଜ ମାଗାଜିନ୍ ଓ ଦୈନିକ ଖବରକାଗଜଗୁଡ଼ିକରେ ନିୟମିତ ଲେଖା ଆସୁଥାଏ। ଧୀରେଧୀରେ ମୁଁ ସ୍କୁଲରୁ କଲେଜ ଗଲି। ବର୍ଷ ୧୯୯୪ ମସିହା। ମାସ ମନେନାହିଁ। ନିମାପଡ଼ା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଥିବାବେଳେ ମୋର ପ୍ରଥମ କବିତା 'ଶିଶୁ ସୂରୁଯ' ମୀନାବଜାର ପତ୍ରିକାରେ ପ୍ରକାଶିତ ହେଲା। ଗୋଟିଏ ଦିନର ଟିଫିନ୍ ଖର୍ଚ୍ଚ କାଟ୍ କରି ପତ୍ରିକାଟି କିଣିଲି। ନିଜ ହାତଲେଖା କବିତାକୁ ଅବିକଳ ମୁଦ୍ରିତ ହୋଇଥିବା ଦେଖି ମୋ' ଗୋଡ଼ ତଳେ ଲାଗୁ ନ ଥାଏ। ପତ୍ରିକା ଧରି ସିଧା ଦୌଡ଼ିଲି ନିମାପଡ଼ାର ଗୁହାଳପଡ଼ାରେ ରହୁଥିବା ମଉସାଙ୍କ ଘରକୁ। ତାଙ୍କ ପିଲାମାନେ ସେ କବିତା ଦେଖି କେତେ ଖୁସି ହେଲେ। ମଉସାଙ୍କ ବଡ଼ ଝିଅ ଜଳି କହିଲା- ଭାଇ, ମୋ' ନାଁରେ ଗୋଟେ ଲେଖି ପଠା।

ଏ ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ ମୁଁ ଭଲ ପଢ଼େ। ଏଥର ସମସ୍ତେ ମୋ' ଲୁକ୍କାୟିତ ପ୍ରତିଭାର ସୁରାକ ପାଇ ଖୁସି ହେଲେ। ଯୋଉ ସବୁ କଲେଜ ସାଙ୍ଗ ସେ କବିତା ପଢ଼ିଲେ ସମସ୍ତଙ୍କ ମନରେ ଗୋଟେଗୋଟେ ପ୍ରଶ୍ନ ''ତୁ ଲେଖିଛୁ''?... ''କୋଉଠୁ ଟିପିଲୁ''?... ଭଲ ହେଇଛି...। ଏସବୁ ଶୁଣି ମୋର ମୋ' ଉପରେ ଆତ୍ମବିଶ୍ୱାସ ବଢ଼ିଲା। ମୋତେ ଲାଗିଲା ମୋ' କବିତା ମଧ୍ୟ ଅନ୍ୟମାନଙ୍କ ପରି। ମୁଁ ବି ଲେଖି ପାରିବି। ସବୁଠୁ ବଡ଼ କଥା ହେଲା ମୋ' ଛୋଟିଆ ଗାଁର ଠିକଣା ଓ ନାଁ ଅବିକଳ କବିତା ତଳେ ଲେଖା ଯାଇଥିଲା। ମୀନାବଜାର ପତ୍ରିକା ଭଳି ପ୍ରତିଷ୍ଠିତ ଶିଶୁ ପତ୍ରିକାରେ ଯେ ମୋ' ଲେଖା ଗ୍ରହଣୀୟ ହେଇଛି ମୁଁ ବିଶ୍ୱାସ କରିପାରୁ ନ ଥିଲି। ମାସେ ପର୍ଯ୍ୟନ୍ତ ସେ କବିତାକୁ ଥରକୁଥର ପଢ଼ିଲି। ପତ୍ରିକାକୁ ତକିଆ ତଳେ ରଖି ଶୋଇଲି। ଯେହେତୁ ପତ୍ରିକାରେ ଗାଁ ଠିକଣା ଥିଲା, ଏହାର ପାଠକୀୟ ଆଦୃତି ମୁଁ ଜାଣି ପାରି ନ ଥିଲି। ପରେ ଛୁଟିରେ ଗାଁକୁ ଗଲା ପରେ ବୋଉ ଆଣି ମୁଣିଏ ଚିଠି ଧରେଇଦେଲା। କହିଲା- ପାଠ ପଢୁଛୁ ନା କ'ଣ ଚାଲିଛି? ତା' ମନେମନେ ଏଇ ଚିଠି ନିଶ୍ଚୟ କୋଉ ଝିଅ ତା' ପୁଅକୁ ଦେଇଛି। ପରେ ବୋଉ ଯେତେବେଳେ ଜାଣିଲା ଏ ସବୁର କାରଣ ଆଉ କିଛି, ସେ ମଧ୍ୟ ବହୁତ ଖୁସି ହେଲା। ଯେମିତି ଲାଗିଲା ମୁଁ ରାତାରାତି ଏକ ଅଲଗା ମଣିଷ ପାଲଟିଯାଇଛି। ଯାତ୍ରା ଜାରି ରହିଛି। କବିତା, ଗଳ୍ପ, ଅନୁବାଦ, ପ୍ରବନ୍ଧ ଇତ୍ୟାଦି ଓଡ଼ିଶାର ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶ ପାଇଛି। କବିତା ସଂକଳନ ମଧ୍ୟ ବାହାରିଛି। କିନ୍ତୁ ପ୍ରଥମ କବିତାର ସେ ଅନୁଭୂତି ଭୁଲି ହେଇନି।



ନରେନ୍ଦ୍ର ସେଠୀ



## ପୁସ୍ତକ ପରିଚୟ

### ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ


**ଲେଖକ: ଡ. ନାରାୟଣ ମହାନ୍ତି**
**ପ୍ରକାଶକ: ନୀହାରିକା ଦାସ ସ୍ମୃତି ନ୍ୟାସ, ଝାଞ୍ଜିରିମଙ୍ଗଳା, କଟକ-୯**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୩୦୦/-**




ଅଳ୍ପ ଊଣା ପ୍ରାୟ ୪୦୦ ପୃଷ୍ଠାର ଏହି ବହିଟିରେ ରହିଛି ମୋଟ ୧୦ଟି ଅଧ୍ୟାୟ। ଅଧ୍ୟାୟଗୁଡ଼ିକର ଶୀର୍ଷକ ଏହିପରି- ରେଭେନ୍ସା କଲେଜ, ବେସରକାରୀ କଲେଜ ସମୂହ, ଉତ୍କଳ ବିଶ୍ୱବିଦ୍ୟାଳୟ, ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ, ବ୍ୟକ୍ତି ବିଶେଷ, ଓଡ଼ିଆ ସାହିତ୍ୟକୁ ଦର୍ଶନଶାସ୍ତ୍ରବିତ୍‌ମାନଙ୍କ ଦାନ, ବିଭିନ୍ନ କ୍ଷେତ୍ରରେ ଦର୍ଶନଶାସ୍ତ୍ରବିତ୍, ବିଦେଶରେ ଓଡ଼ିଶାର ଦର୍ଶନଶାସ୍ତ୍ରବିତ୍ ଓ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀ। ଶିକ୍ଷାଗୁରୁ ପ୍ରାତଃସ୍ମରଣୀୟ ହୃଦାନନ୍ଦ ରାୟଙ୍କ ଦ୍ୱାରା ଏକ ପ୍ରକାର ଆଦିଷ୍ଟ ହୋଇ ଡ. ମହାନ୍ତି ଏହି ଗ୍ରନ୍ଥଟି ରଚନା କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ତେବେ ଗ୍ରନ୍ଥଟିରେ ଓଡ଼ିଶାର ଦର୍ଶନଶିକ୍ଷାକୁ ନେଇ ତାଙ୍କର ଯେଉଁ ଅନୁଧ୍ୟାନ, ତାହା ପାଠ କଲେ ବିସ୍ମୟାନନ୍ଦରେ ଯେ କେହି ପାଠକର ମନ ଓ ଆତ୍ମାଯେ ପୂରିଉଠିବ, ଏଥିରେ ସନ୍ଦେହ ନାହିଁ। ମୋହିନୀମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ବିପିନ ବିହାରୀ ରାୟ, ରତ୍ନାକର ପତି, ଗଣେଶ୍ୱର ମିଶ୍ର, ପ୍ରଫେସର ରାଧାନାଥ ରଥ, ଡ. ସତ୍ୟବାଦୀ ମିଶ୍ର ଓ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କଠୁଁ ଆରମ୍ଭକରି ଅଧ୍ୟାପକ ବାଇଧର ପ୍ରଧାନ ଓ ଜଗତମୋହନ ସର୍ଦ୍ଦାରଙ୍କ ପର୍ଯ୍ୟନ୍ତ ଶତାଧିକ ଗୁଣୀଜନଙ୍କ ସମ୍ବନ୍ଧରେ ଗ୍ରନ୍ଥରେ ଯେଉଁ ପରିଚୟାତ୍ମକ ତଥ୍ୟ ରହିଛି, ତାହା ପୁସ୍ତକଟିକୁ ଓଡ଼ିଶାରେ ଦର୍ଶନ ଶିକ୍ଷାର ଆରମ୍ଭ ଓ ପରିଣତିର ଏକ ନିର୍ଭରଯୋଗ୍ୟ ଦର୍ପଣ କରିପାରିଛି। ଅନ୍ୟ ବିଷୟ ଓ ବିଭାଗର ଏତାଦୃଶ ଇତିହାସ ପ୍ରଣୟନ ପାଇଁ ଗ୍ରନ୍ଥଟିଯେ ପଥିକୃତ୍ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

### ସଂସ୍କୃତି ସଂହାର

**ଲେଖକ: ଲେ. କର୍ଣ୍ଣେଲ ଶିବରାମ ଶତପଥୀ**
**ପ୍ରକାଶକ: କିତାବ ଭବନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୫୦/-**




ମୋଟ ୨୭ଟି ପ୍ରବନ୍ଧ ସ୍ଥାନିତ ଆଲୋଚ୍ୟ ପୁସ୍ତକରେ। ଭାଷା-ସାହିତ୍ୟ, ସମାଜ-ସଂସ୍କୃତି ଓ ଇତିହାସ-ଭୂଗୋଳ ଏ ସବୁକୁ ନେଇ ନିଜ ଚିନ୍ତନ ଓ ମନନର ପଦଚିହ୍ନ ପ୍ରତ୍ୟେକଟି ପ୍ରବନ୍ଧରେ ଛାଡ଼ିଯାଇଛନ୍ତି ଲେଖକ। ଗପ କହିଲା ପରି ନାନା ଉଦାହରଣ ଛଳରେ ବିଷୟକୁ ଆଗେଇ ନେଇ ପରିଣତିରେ ଏକ ସୁଚିନ୍ତିତ ଦୃଷ୍ଟିକୋଣକୁ ପ୍ରତିଷ୍ଠା ବି ଦେଇଛନ୍ତି। ଏପରି ହୋଇଛି, କାରଣ ଶିବରାମ ତାଙ୍କ ଆଖିଦେଖା ଓ କାନଶୁଣା କଥାକୁ ହିଁ କେବଳ ଶବ୍ଦ ରୂପ ଦେଇଛନ୍ତି। ପ୍ରସଙ୍ଗ ଚୟନ କରିଛନ୍ତି ଏପରି, ଯାହା ସେହି ସମୟ ପାଇଁ ପ୍ରାସଙ୍ଗିକ, ଅଥଚ ସମୟର ଗତିରେ ପୁରୁଣା ହେବ ନାହିଁ। ଜୀବନର ନାନା ଅନୁଭୂତିରେ ସିଦ୍ଧ ଏହି ନିବନ୍ଧ ଗ୍ରନ୍ଥଟି ଓଡ଼ିଆ ପ୍ରବନ୍ଧ-ସାହିତ୍ୟ ଭଣ୍ଡାରରେ ଏକ ସମୟୋପଯୋଗୀ ସଂଚୟ।

### ପରିଚୟ ପରିଧି

**ଗାଳ୍ପିକ: ଅଭୟ କୁମାର ଜେନା**
**ପ୍ରକାଶକ: ଇଜିସ୍ ପବ୍ଲିକେଶନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୨୦/-**




ମୋଟ ୧୫ଟି ଗଳ୍ପ ସ୍ଥାନ ପାଇଛି 'ପରିଚୟ ପରିଧି'ରେ। ମୁଖବନ୍ଧରେ ଗାଳ୍ପିକ କହିଛନ୍ତି: ''ସବୁ ଠିକ୍ ଭାବି କରିଚାଲୁଥାଏ ଅନେକ ଭୁଲ। କେତେବେଳେ ନିଜ ପରିଚୟକୁ ନେଇ ଗର୍ବ କରେ ତ ପୁଣି କେତେବେଳେ ନିଜ ପରିଚୟକୁ ହରାଇ କଷ୍ଟ ପାଏ। କିଏ ନିଜ ତ୍ୟାଗ ଆଦର୍ଶ ପାଇଁ ମହାନ୍ ହୋଇଯାଏ ତ କିଏ ନିଜ ଅହଂକାର ପାଇଁ ଅସହାୟତାକୁ ଆମନ୍ତ୍ରଣ କରେ। ଠିକ୍ ଏହିପରି କିଛି କାଳ୍ପନିକ ଚିତ୍ର ଓ ଚରିତ୍ରମାନଙ୍କର ସମାହାର ହେଉଛି 'ପରିଚୟ ପରିଧି'।'' ଗ୍ରନ୍ଥସ୍ଥ ଗଳ୍ପ 'ଫ୍ରକ୍', 'ଚୋର', 'ଅଲକ୍ଷଣୀ', 'ପରିଚୟ ପରିଧି', 'ଭାଇ', 'ଶାନ୍ତି', 'ଚଗୁଲି' ଓ 'ତ୍ରିରଙ୍ଗା' ଆଦି ପଢ଼ିଲେ ପାଠିକାପାଠକେ ନିଜ ମନ ଓ ଚେତନାରେ କେବଳ ସମ ସମୟକୁ ଭୋଗନ୍ତି ନାହିଁ, ବରଂ ଜୀବନର ସର୍ବକାଳୀନ ସତ୍ୟ ସଂସ୍ପର୍ଶରେ ଆସି ଉପକୃତ ହୁଅନ୍ତି। ଗଳ୍ପର ଆରମ୍ଭ ଓ ପରିଣତି ପ୍ରତି ପ୍ରାୟ ସବୁ ଗଳ୍ପରେ ଗାଳ୍ପିକ ଧ୍ୟାନନିଷ୍ଠ। ଭାଷା ନିତିଦିନିଆ ଓ ଏହି କାରଣରୁ ପାଠିକାପାଠକଙ୍କୁ ଗଳ୍ପଗୁଡ଼ିକ ନିଶା ପରି ଧରେ।

### ଜଣେ ଅଶଉଚ ଲୋକ

**କବି: ପୀତାମ୍ବର ତରାଇ**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ.୯୦/-**




'କଟା ହାତର କବିତା'ଠୁଁ 'ଧର୍ମ' ଯାଏ ମୋଟ ୩୯ଟି କବିତାରେ ସମୃଦ୍ଧ ପୀତାମ୍ବରଙ୍କର ଏ ବହିଟି। ଶେଷରେ କବିଙ୍କ ନିଜ କଥା, ଯହିଁରେ ସେ କହଂତି: ''ଯାହା ନିର୍ମାଣ ହେଉଛି ଓ ହେବ, ତାହା ହିଁ କେବଳ ମଣିଷ ଦ୍ୱାରା ହେବ, ଯେହେତୁ ସବୁରି ଉପରେ ମଣିଷ ସତ୍ୟ। ସେହି ମଣିଷ ଭାବରେ କବିତା ମୋତେ ମାଡ଼େ ନାହିଁ ବରଂ କବିତାକୁ ମୁଁ ଆମନ୍ତ୍ରଣ କରେ। ସେଥିପାଇଁ ନିଜ କବିତା ପରି ମୁଁ ସ୍ୱଚ୍ଛ ଓ ପ୍ରାଞ୍ଜଳ। କାଚକାନ୍ଥ ଭିତରେ ଶବ୍ଦ ମୈଥୁନଠୁଁ ମୋର ଅବସ୍ଥିତି ଅନେକ ଦୂର।'' ଗ୍ରନ୍ଥରେ ସ୍ଥାନିତ 'କଟା ହାତର କବିତା', 'ଠୁଣ ମଣିଷର କାବ୍ୟପାଠ', 'ପନ୍ଦର ବର୍ଷ ତଳେ ବିକ୍ରି ହୋଇଥିବା ଝିଅ', 'ବନ୍ଧକ ମଣିଷ', 'ଗାଁ ବାହାରେ ମଣିଷ', 'ମା, ପାଟି ଖୋଲ', 'ଅଚ୍ଛବ' ଓ 'ମାଟିଗୀତ' ଆଦି କବିତାରେ ପୀତାମ୍ବରଙ୍କ କାବ୍ୟୋକ୍ତି ଓ କବିଶକ୍ତି- ଉଭୟର ନିଟୋଳ ପରିଚୟ ମିଳିଥାଏ। 'ଜୋତା' କବିତାର ଏହି ପଂକ୍ତିଟିକୁ ପଢ଼ାଯାଉ- ''ଏବେ ଜାଣିଲ ତ, ଡାଳରେ ଫୁଲ ଫୁଟାଇ କେମିତି ଖଞ୍ଜି ଦିଆଯାଇଛି / କଉଶଳର କଣ୍ଟାତକ/ସାରା ବଗିଚା ତ ମାଲିକର, ମାମୁଲି ମାଳିର ପୀଡ଼ା ଭୋଗ ଛଡ଼ା କି ଲାଭ କହୁନ!'' 'ଶବ୍ଦ' ଭିତରେ ଟକମକ ହେଇ ଫୁଟୁଛି କବିର କ୍ରୋଧ। ପୀତାମ୍ବରଯେ ଓଡ଼ିଆ କବିତାରେ ଜଣେ ସଚ୍ଚା ପ୍ରତିବାଦୀ କବି- ଆଲୋଚ୍ୟ କାବ୍ୟଗ୍ରନ୍ଥ ତାହା ପ୍ରମାଣ କରେ।

### ମନ୍ତ୍ର

**କବି: କନିଷ୍କ**
**ପ୍ରକାଶକ: ପାଇନ୍ ବୁକ୍ସ, କଟକ-୮**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୨୦/-**




ମୋଟ ୬୧ଟି କବିତା 'ମନ୍ତ୍ର'ରେ ସ୍ଥାନିତ। ପ୍ରଚ୍ଛଦଲେଖରେ କୁହାଯାଇଛି: ''ଆମ ମାଟି ପାଣି ପବନ, ଜନଜୀବନର ମହମହ ବାସ୍ନାରେ ; ଅବକ୍ଷୟଗ୍ରସ୍ତ ସମାଜ ସଂସ୍କୃତି, ପତନମୁଖୀ ମାନବୀୟ ମୂଲ୍ୟବୋଧର ନିଚ୍ଛକ ନିଟୋଳ ଚିତ୍ରରେ ; ଅଦ୍‌ଭୁତ କଳାତ୍ମକ କୁଟୀକମର କମନୀୟ ସ୍ପର୍ଶରେ ବିମଣ୍ଡିତ କନିଷ୍କଙ୍କ 'ମନ୍ତ୍ର'।'' ଗ୍ରନ୍ଥର ଅନେକ କବିତା ସୂଚନାଧର୍ମୀ। ଯଥା: ୧. ''ତାଲା/ଆମ ପାଟିରେ/ଆମ ହାତରେ,/କେହି ପକେଇନି/ପକେଇବୁ ଆମେ।'' (ତାଲା, ପୃ:୭୨), ୨. ''ଓପର କୋର୍ଟ/ ମଝି କୋର୍ଟ/ତଳ କୋର୍ଟ/ କାହାର ?/ ଦେଶର ନୁହେଁ/ଦେଶଦ୍ରୋହୀର/ଜନତାର ନୁହେଁ/ଆତଙ୍କବାଦୀର/ଧର୍ମର ନୁହେଁ/ଅଧର୍ମର/ରକ୍ଷା କବଚ।'' 'ମନ୍ତ୍ର'ର ପ୍ରାୟ କବିତା ଶବ୍ଦର ଅନ୍ତଃସ୍ଥଳରେ ଖଞ୍ଜି ରଖିଛି ପ୍ରତିବାଦର ବାରୁଦ। ମନନଶୀଳ ପାଠିକାପାଠକେ ତା'ର ଫୁଟିବା ଶୁଣନ୍ତି ଓ ତାଙ୍କ ନାକରେ ବାଜେ ଜଳିଯାଉଥିବା ବାରୁଦର ବାସ୍ନା। ଏହା ସତ୍ତ୍ୱେ କବିତାଗୁଡ଼ିକ ଖୁବ୍ ଶାନ୍ତ ଓ ସମାହିତ ଥା'ନ୍ତି। ରୋକ୍‌ଠୋକ୍ ଅଥଚ ନିରପେକ୍ଷ। ଏହାର ସତ୍ୟତା ନିହିତ ଥାଏ ତାଙ୍କ ନିଜର ଉଦ୍‌ଘୋଷଣାରେ ଏହିପରି: ''ମୁଁ ଶତ୍ରୁ ନୁହେଁ/ନ ହେଇପାରେ ଫୁଲ/ କଣ୍ଟା ନୁହେଁ।/ଯୋଉଠି ଅନୀତି/ସେଇଠି/ମୁଁ ଉଭା,/ ଛାଟେ ମାରିଦିଏ।'' (ଛାଟ, ପୃ.୯୯)।